ଭାଷା ଓ ସାକ୍ଷରତା

# କଥନ ଓ ଶ୍ରବଣ

# Speaking and listening





ଭାରତରେ ବିଦ୍ୟାଳୟ ଭିତ୍ତିକ ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

http://creativecommons.org/licenses/

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆନ୍ତର୍ଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/)ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

### ଭିଡ଼ିଓ ସମ୍ବଳ ସମୂହ

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି। ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ। ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ ୧.୦ ଭାଷା ଓ ସାକ୍ଷରତା ୦୩ ଓଡ଼ିଆ ଭାଷାନ୍ତର ସହାୟତା : ଭାରତ ଜ୍ଞାନ ବିଜ୍ଞାନ ସମିତି : ଓଡିଶା
Odisha

ଏହି ସଂକଳନଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ଭାଷା ଓ ସାକ୍ଷରତା ସଂକଳନର ଏକ ଭାଗ ଅଟେ। ମୂଳ ଇଂରାଜୀ ଲେଖାକୁ ଶ୍ରୀ ଦୁର୍ଯ୍ୟୋଧନ ଦାସ ଓଡ଼ିଆ ଭାଷାନ୍ତର କରିଥିବା ବେଳେ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବ୍ରହ୍ମ ଓ ପ୍ରଫେସର ବି.ଏନ୍.ପଣ୍ଡା ସମୀକ୍ଷା କରିଛନ୍ତି। ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ/ଲେଖ http://creativecommons.org/ licenses/by-sa/3.0/ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ।

TESS-India is led by The Open University UK and funded by UK aid from the UK government

## ଏହି ଏକକରେ କ'ଣ ଅଛି

ଏହି ଏକକରେ, ଶ୍ରେଣୀଗୃହର ଶିକ୍ଷାଦାନ ଓ ଶିକ୍ଷଣକୁ ଫଳପ୍ରଦ କରିବାରେ ଅର୍ଥପୂର୍ଣ୍ଣ କଥନ ଓ ଶ୍ରବଣ ସୁଯୋଗ ଗୁଡ଼ିକର କିପରି ଅବଦାନ ରହିଛି ତାହା ଆଲୋକପାତ କରାଯାଇଛି ।

ଆପଣଙ୍କ ଶିକ୍ଷାର୍ଥୀମାନଙ୍କର କଥନ ଓ ଶ୍ରବଣ ଦକ୍ଷତାର ବିକାଶ କରିବାକୁ ଆପଣ ଅନେକଗୁଡ଼ିଏ କାର୍ଯ୍ୟର ଯୋଜନା ଓ ମୂଲ୍ୟାୟନ କରିବେ ଯାହା ଆପଣଙ୍କ ଭବିଷ୍ୟତ ପାଠଗୁଡ଼ିକରେ ସେମାନଙ୍କର ଶିକ୍ଷଣ ଓ ଯୋଜନା ସଂପର୍କିତ ଆପଣଙ୍କ ଆକଳନ ବିଷୟରେ ସୂଚନା ଦେଇପାରିବ ।

## ଏହି ଏକକରୁ କ'ଣ ଶିଖିବେ

- ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କର ଫଳପ୍ରସୂ କଥୋପକଥନର ଗୁରୁତ୍ୱ ଜାଣିବା ।
- କଥନ ଓ ଶ୍ରବଣ କାର୍ଯ୍ୟଗୁଡ଼ିକର ଆଧାର ଭାବେ ଛବିଗୁଡ଼ିକର ବ୍ୟବହାର କରିବା ।
- ଶିକ୍ଷାର୍ଥୀମାନଙ୍କ ବୋଧ ଶକ୍ତି ଓ ଅଭିବୃଦ୍ଧିର ମୂଲ୍ୟାୟନରେ ସେମାନଙ୍କ କଥାବାର୍ତ୍ତାକୁ ଏକ ଉପାୟ ଭାବେ ବ୍ୟବହାର କରିବା ଯାହା ଫଳରେ ଆପଣ ସେହି ଅନୁସାରେ ଆପଣଙ୍କର ଶିକ୍ଷାଦାନ ଯୋଜନାର ପରିବର୍ତ୍ତନ କରିପାରିବେ ।

## ଏହି ପନ୍ଥା କାହିଁକି ଗୁରୁତ୍ୱପୂର୍ଣ୍ଣ

ପାଠ୍ୟକ୍ରମର ସମସ୍ତ କ୍ଷେତ୍ରର ଶିକ୍ଷାଦାନ ଓ ଶିକ୍ଷଣରେ କହିବା ଓ ଶୁଣିବା କେନ୍ଦ୍ରବିନ୍ଦୁ ଅଟେ। କଥୋପକଥନ ମଧ୍ୟ ସାକ୍ଷରତାର ମୂଳଦୂଆ ଅଟେ । ଛୋଟ ପିଲାମାନେ ପଢ଼ିବା ଓ ଲେଖିବା ପୂର୍ବରୁ ଭଲ ଭାବରେ ଶୁଣନ୍ତି ଓ କହନ୍ତି । ଶିକ୍ଷାର୍ଥୀମାନେ ନିଜର ଇଚ୍ଛା ଓ ଆବଶ୍ୟକତାକୁ କଥାରେ ପ୍ରକାଶ କରିବା, ଜିନିଷ ଗୁଡ଼ିକ ବିଷୟରେ ଖୋଜିବାହାର କରିବା, କାଳ୍ପନିକ ତଥା ଅନୁସନ୍ଧାନ ମୂଳକ ଖେଳରେ ନିୟୋଜିତ ହେବା ଇତ୍ୟାଦି ମାଧ୍ୟମରେ ବହୁତ କଥା ଶିଖନ୍ତି । ଶିକ୍ଷାର୍ଥୀମାନେ ସେମାନଙ୍କ ଭାଷାଗତ ଦକ୍ଷତାର ବିକାଶ ପାଇଁ ବିଭିନ୍ନ ପରିପ୍ରେକ୍ଷୀରେ ଭିନ୍ନ ଭିନ୍ନ ପ୍ରସଙ୍ଗ ବିଷୟରେ ଶୁଣିବାକୁ ଓ କହିବାକୁ ସୁଯୋଗ ଆବଶ୍ୟକ କରନ୍ତି, ଯାହା ସେମାନଙ୍କର ବିଦ୍ୟାଳୟ ଉପଲବ୍ଧିର ଅଭିବୃଦ୍ଧି କରିବ ।

## ୧ କଥୋପକଥନ ଓ ଶିକ୍ଷଣ

ଗତାନୁଗତିକ ଶ୍ରେଣୀଗୃହମାନଙ୍କରେ କଥୋପକଥନ କ୍ଷେତ୍ରରେ ସବୁବେଳେ ଶିକ୍ଷକମାନେ ଆଧିପତ୍ୟ ବିସ୍ତାର କରିଥାନ୍ତି । ତେବେ ଶିକ୍ଷାର୍ଥୀମାନଙ୍କର ଶିଖିବା ମନୋବୃତ୍ତି ସହିତ ସେମାନଙ୍କର ଶିକ୍ଷଣ ଉପଲବ୍ଧିର ଉନ୍ନତି ସହଜରେ ଦେଖାଯାଏ, ଯେତେବେଳେ ସେମାନେ ସେମାନଙ୍କ ନିଜର କଥୋପକଥନ ମାଧ୍ୟମରେ ନିଜକୁ ଶିକ୍ଷଣ ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ କରିଥାନ୍ତି ।

ଟିକିଏ ଚିନ୍ତା କରନ୍ତୁ

- ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷାର୍ଥୀମାନେ 'ସକ୍ରିୟ ସଂପୃକ୍ତି' ହେବା କହିଲେ ଆପଣ କ'ଣ ଭାବନ୍ତି ? ଏହା କ'ଣ ନିଶ୍ଚିତ ଭାବରେ ଶିକ୍ଷକଙ୍କର ପ୍ରଶ୍ନର ଉତ୍ତର ଦେବା ବା ଏହାଠାରୁ ଅଧିକ ଅଟେ ?
- ଆପଣଙ୍କ ଶିକ୍ଷାର୍ଥୀମାନେ ସେମାନଙ୍କ ଶ୍ରେଣୀଗୃହର ଶିକ୍ଷଣରେ 'ସକ୍ରିୟ ଭାବରେ ଅଂଶଗ୍ରହଣ କରୁଛନ୍ତି'କି ନାହିଁ ତାହା କିପରି ଜାଣିବେ ?

ଜଣଙ୍କ ପାଖରେ ଥିବା ଜ୍ଞାନ, ଦକ୍ଷତା ଓ ଅଭିଜ୍ଞତା ସହ ଯୋଡ଼ିବା ଓ ନୂତନତା ହାସଲ କରିବାରେ ଶିକ୍ଷଣ ସଂପୃକ୍ତ । କଥୋପକଥନ ଏହି ପ୍ରକିୟାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରେ କାରଣ ଏହା ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଭାବ ପ୍ରକାଶ କରିବାରେ, ଯାହା ସେମାନଙ୍କ ପାଇଁ

ଅସ୍ପଷ୍ଟ ତାହା ପ୍ରକଟ କରିବାରେ, ପ୍ରଶ୍ନ ପଚାରିବାରେ, ନୂତନ ଧାରଣା ଅନୁସନ୍ଧାନ କରିବାରେ, ଓ ସେମାନଙ୍କ ଶିକ୍ଷକ ଓ ସହପାଠୀମାନଙ୍କ ସହ ଭାବବିନିମୟରୁ ଶିଖିବାରେ ସାହାଯ୍ୟ କରିଥାଏ ।

ନିମ୍ନରେ ଦିଆଯାଇଥିବା ଶିକ୍ଷଣ କାର୍ଯ୍ୟ-୧ ରେ ଶିକ୍ଷଣ ପାଇଁ କଥୋପକଥନର ଗୁରୁତ୍ୱ ବିଷୟରେ ଆପଣ ଚିନ୍ତା କରିବେ ।

## ଶିକ୍ଷଣକାର୍ଯ୍ୟ – ୧ ଶିକ୍ଷଣ ପାଇଁ କଥୋପକଥନ

ଯଦି ସମ୍ଭବ ଜଣେ ସହକର୍ମୀଙ୍କ ସହ ଏହି କାର୍ଯ୍ୟଟିକୁ କରନ୍ତୁ।

ପ୍ରଥମେ ସମ୍ବଳ ୧ 'ଶିକ୍ଷଣ ପାଇଁ କଥୋପକଥନ' ପଢ଼ନ୍ତୁ । ପଢ଼ିସାରିବା ପରେ ଆପଣ ଯତ୍ନର ସହ ନିମ୍ନୋକ୍ତ ଦୁଇଟି ଉଦ୍ଧୃତାଂଶର ପୁନଃପଠନ କରନ୍ତୁ ।

- ଏପରିକି ସୀମିତ ସାକ୍ଷରତା ଓ ଗାଣିତିକ ଦକ୍ଷତା ଥିବା ଛୋଟ ଛୋଟ ଶିକ୍ଷାର୍ଥୀମାନେ ଉଚ୍ଚତର ଚିନ୍ତନ ଦକ୍ଷତା ପ୍ରଦର୍ଶିତ କରିପାରିବେ ଯଦି କାର୍ଯ୍ୟଟି ସେମାନଙ୍କର ପୂର୍ବ ଅଭିଜ୍ଞତା ଉପରେ ଆଧାରିତ ହୋଇଥିବ ଓ ଉପଭୋଗ୍ୟ ହୋଇଥିବ । ଉଦାହରଣ ସ୍ୱରୂପ, ଶିକ୍ଷାର୍ଥୀମାନେ ଗୋଟିଏ ଗଳ୍ପ ବିଷୟରେ, ଗୋଟିଏ ପ୍ରାଣୀ ବା ଫଟୋ ଚିତ୍ରାଙ୍କନ, ବା ବାସ୍ତବ ପଦାର୍ଥ ଗୁଡ଼ିକରୁ ଆକୃତି ବିଷୟରେ ପୂର୍ବାନୁମାନ କରିପାରିବେ । ଶିକ୍ଷର୍ଥୀମାନେ ଗୋଟିଏ କଣ୍ଢେଇଗୁଡ଼ିକ ଗୋଟିଏ ଅଭିନୟରେ ଥିବା ଚରିତ୍ରର ସମସ୍ୟା ବିଷୟରେ ସୂଚନା ଦେଇପାରିବେ ଓ ସମ୍ଭାବ୍ୟ ସମାଧାନ ଗୁଡ଼ିକର ତାଲିକା କରି ପାରିବେ ।
- ଶିକ୍ଷାର୍ଥୀମାନେ କ'ଣ ଶିଖିବାକୁ ଚାହାଁନ୍ତି ଆପଣ ତାହାକୁ ନେଇ ଯୋଜନା କରନ୍ତୁ ଓ ତା ସହିତ ଶିକ୍ଷାର୍ଥୀମାନେ କି ପ୍ରକାର କଥୋପକଥନ ବିକାଶ କରିବାକୁ ଚାହାଁନ୍ତି ସେ ବିଷୟରେ ଚିନ୍ତା କରନ୍ତୁ ।

### ଟିକିଏ ଚିନ୍ତା କରନ୍ତୁ

ସମ୍ବଳ – ୧ ସୂଚିତ କରେ ଯେ ଶିକ୍ଷାର୍ଥୀମାନେ ଗଳ୍ପ ବିଷୟରେ, ଗୋଟିଏ ପ୍ରାଣୀ ବା ବାସ୍ତବ ପଦାର୍ଥରୁ ଆକାର ବିଷୟରେ ପୂର୍ବାନୁମାନ କରିପାରିବେ। ଭୂମିକା ଅଭିନୟର ଗୋଟିଏ ଚରିତ୍ର ବା କଣ୍ଢେଇ ଖେଳରେ ଗୋଟିଏ କଣ୍ଢେଇର ସମସ୍ୟାକୁ ନେଇ ସୂଚନା ଦେଇପାରିବେ ଓ ସମ୍ଭାବ୍ୟ ସମାଧାନଗୁଡ଼ିକୁ ମଧ୍ୟ ଦେଇପାରିବେ ।

- ଦ୍ୱିତୀୟ ଶ୍ରେଣୀରେ ଏହି ଧାରଣା ଗୁଡ଼ିକର ପ୍ରୟୋଗ କିପରି ହୋଇପାରିବ ତାହାର ଏକ ଉଦାହରଣ ବିଷୟରେ ଚିନ୍ତା କରନ୍ତୁ । କି ପ୍ରକାର ସମ୍ବଳ ସମୂହ, ପ୍ରସଙ୍ଗ ଓ କାର୍ଯ୍ୟ ଆଦିକୁ ଆପଣ ବ୍ୟବହାର କରିବେ ?
- ସପ୍ତମ ଶ୍ରେଣୀରେ ଏହି ଧାରଣା ଗୁଡ଼ିକର ପ୍ରୟୋଗ କିପରି ହୋଇପାରିବ ତାହାର ଏକ ଉଦାହରଣ ବିଷୟରେ ଚିନ୍ତା କରନ୍ତୁ । ଏଥିପାଇଁ କେଉଁ ସମ୍ବଳ, ପ୍ରସଙ୍ଗ ଓ କାର୍ଯ୍ୟମାନ ଉପଯୁକ୍ତ ହେବ ?

ଏହାପରେ କ'ଣ ଘଟିପାରେ ? ଏହା ଆମେ ପୂର୍ବରୁ ଦେଖିଛେ କି ? ଏହା କ'ଣ ହୋଇପାରେ ? ଆପଣ ଏହା ବିଷୟରେ କାହିଁକି ଭାବନ୍ତି ? ଉପର ଲିଖିତ ପ୍ରଶ୍ନଗୁଡ଼ିକବିଷୟରେ ବିଚାର କରନ୍ତୁ।

- ଶ୍ରେଣୀଗୃହର କିଛି ଶିକ୍ଷଣକାର୍ଯ୍ୟ ବିଷୟରେ ଚିନ୍ତାକରନ୍ତୁ, ଯେଉଁଥିରେ ଆପଣ ପ୍ରଥମ ଶ୍ରେଣୀରେ ଏହି ପ୍ରଶ୍ନଗୁଡ଼ିକୁ ପଚାରି ପାରିବେ ।
- ଶ୍ରେଣୀଗୃହର କିଛି ଶିକ୍ଷଣକାର୍ଯ୍ୟ ବିଷୟରେ ଚିନ୍ତା କରନ୍ତୁ ଯେଉଁଥିରେ ଆପଣ ଷଷ୍ଠଶ୍ରେଣୀରେ ଏହି ପ୍ରଶ୍ନଗୁଡ଼ିକୁ ପଚାରି ପାରିବେ ।

ଆପଣଙ୍କ ସାଂପ୍ରତିକ ପାଠଗୁଡ଼ିକୁ ଫେରି ଏବେ ଚିନ୍ତାକରନ୍ତୁ । ଆପଣ ଯେକୌଣସି ସମୟକୁ ଚିହ୍ନଟ କରନ୍ତୁ ଯେତେବେଳେ ଆପଣଙ୍କ ଶିକ୍ଷାର୍ଥମାନେ ଅନୁସନ୍ଧାନ ମୂଳକ କଥୋପକଥନ କରିଥିଲେ । କେଉଁ ବିଷୟ ଓ ପ୍ରସଙ୍ଗଗୁଡ଼ିକ ସହ ଏ ପ୍ରକାର କଥୋପକଥନ ସହ ସଂପର୍କିତ ଥିଲା ?

ସବୁ ବୟସର ଶିକ୍ଷାର୍ଥୀମାନଙ୍କ ନିମିତ୍ତ ଶିକ୍ଷଣ ପାଇଁ କଥୋପକଥନ ଗୁରୁତ୍ୱପୂର୍ଣ୍ଣ ଅଟେ । ଶିକ୍ଷାର୍ଥୀମାନଙ୍କୁ ଉଦ୍ଦେଶ୍ୟପୂର୍ଣ୍ଣ ଭାବରେ କହିବାକୁ ଯେତେ ଅଧିକ ସମୟ ଦିଆଯିବ, ସେମାନେ କଥୋପକଥନ ଓ ଭାବଯୁକ୍ତ ଶ୍ରବଣରେ ସେତେ ଅଧିକ ଦକ୍ଷ ହେବେ ।

ଭିଡ଼ିଓ : ଶିକ୍ଷଣ ପାଇଁ କଥୋପକଥନ

## ୨ ଶିକ୍ଷାର୍ଥୀଙ୍କ କଥୋପକଥନକୁ ସକ୍ରିୟ କରିବା ପାଇଁ ଛବିର ବ୍ୟବହାର କରିବା

ପରିସ୍ଥିତି ଅନୁଧ୍ୟାନ ୧ ପଢ଼ନ୍ତୁ, ଯେଉଁଥିରେ ଜଣେ ପ୍ରଥମ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ଶିକ୍ଷୟତ୍ରୀ କିପରି ଛବି ବ୍ୟବହାର କରି ତାଙ୍କର ଶିକ୍ଷାର୍ଥୀମାନେ ଜାଣିଥିବା କଥା ବିଷୟରେ କଥୋପକଥନ ପାଇଁ ଉତ୍ସାହିତ କରିଛନ୍ତି ତାହା ବର୍ଣ୍ଣନା କରାଯାଇଛି ।

### ପରିସ୍ଥିତି ଅନୁଧ୍ୟାନ ୧: ଶ୍ରେଣୀଗୃହର କଥୋପକଥନକୁ ଉଦ୍ଦୀପିତ କରିବାକୁ ଛବିଗୁଡ଼ିକର ବ୍ୟବହାର କରିବା

*ଭୁବନେଶ୍ୱର ନିକଟବର୍ତ୍ତୀ ଏକ ଗ୍ରାମୀଣ ବିଦ୍ୟାଳୟରେ ଶ୍ରୀମତୀ ପ୍ରତିମା ପ୍ରଥମ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ଜଣେ ଶିକ୍ଷୟିତ୍ରୀ, ଏଠାରେ ସେ ଶ୍ରେଣୀଗୃହର କଥୋପକଥନ ପାଇଁ ପରିଚିତ ଦୃଶ୍ୟଗୁଡ଼ିକର ଛବିଗୁଡ଼ିକୁ କିପରି ସହାୟକ ସୂଚନା ଭାବେ ନିୟୋଜିତ କରିଛନ୍ତି ତାହା କହିଛନ୍ତି ।*

ମୁଁ ଛବିଗୁଡ଼ିକୁ (ଚିତ୍ର ୧ ଦେଖନ୍ତୁ) ଶିକ୍ଷାର୍ଥୀମାନଙ୍କୁ କଥୋପକଥନ ପାଇଁ ଉତ୍ସାହିତ କରିବାରେ ବ୍ୟବହାର କରେ । ଏହି ଛବିଗୁଡ଼ିକ ବହୁ ଦିନ ବ୍ୟବହାର କରିପାରିବା ଭଳି ସ୍ଥାନୀୟ ଚିତ୍ରକରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ। ପ୍ରଥମ ଛବିଟିର ଶୀର୍ଷକ "ମୋ ଗାଁ" ଓ ଦ୍ୱିତୀୟଟିର ଶୀର୍ଷକ "କୃଷି" ।




ଚିତ୍ର ୧, ଦୁଇଟି ଛବି –'ମୋ ଗାଁ' (ବାମ) ଓ 'କୃଷି' (ଡାହାଣ) ଯାହାକି ଶ୍ରୀମତୀ ପ୍ରତିମା ତାଙ୍କର ଶିକ୍ଷାର୍ଥୀମାନଙ୍କୁ କଥୋପକଥନ ପାଇଁ ଉତ୍ସାହିତ କରିବାକୁ ବ୍ୟବହାର କରିଛନ୍ତି।

ପ୍ରଥମେ କାନ୍ଥରେ ଛବିଗୁଡ଼ିକୁ ମୁଁ ଟାଙ୍ଗିଲି । ମୁଁ ସେମାନଙ୍କୁ ଏ ବିଷୟରେ ଜଣାଇଲି ନାହିଁ କିନ୍ତୁ ସେମାନେ ନିଜର ସମୟ ଅନୁସାରେ ଏହାକୁ ଦେଖିବା ଓ ପରୀକ୍ଷା କରିବାକୁ ଶିକ୍ଷାର୍ଥୀମାନଙ୍କ ଉପରେ ଛାଡ଼ିଦେଲି । ପରବର୍ତ୍ତୀ  ଦିନେ ବା ଦୁଇଦିନ ଧରି ମୁଁ ପର୍ଯ୍ୟବେକ୍ଷଣ

କଲି ଯେ ଶିକ୍ଷାର୍ଥୀମାନେ ଜଣେ ଅନ୍ୟ ଜଣଙ୍କ ସହ ଛବି ବିଷୟରେ କଥୋପକଥନ କରୁଛନ୍ତି ଓ ସେମାନଙ୍କ ଭିତରେ ବିଶଦ ଭାବରେ ଆଲୋଚନା କରୁଛନ୍ତି ।

ମୁଁ ଏହା ପରେ ପ୍ରତ୍ୟେକ ଦିନ ଗୋଟିଏ ଦଳ ଶିକ୍ଷାର୍ଥୀଙ୍କ ସହିତ ଏହି ଛବି ଦୁଇଟିକୁ ଆଲୋଚନା କରିବା ପାଇଁ କୋଡିଏ ମିନିଟର ଏକ ଅଧିବେଶନ ଆୟୋଜନ କଲି । ବେଳେବେଳେ ଏହାକୁ କରିବାକୁ ମୁଁ ଦଳକୁ ବାହାରକୁ ନିଏ । ଏହି ସମୟରେ ଶ୍ରେଣୀର ଅନ୍ୟ ଶିକ୍ଷାର୍ଥୀମାନଙ୍କ ପାଇଁ ଅନ୍ୟ କାର୍ଯ୍ୟ ନିର୍ଦ୍ଧାରିତ କରିଥାଏ ।

ମୁଁ ଆଗରୁ ଅନେକ ଗୁଡ଼ିଏ ପ୍ରଶ୍ନର ତାଲିକା କରିଥାଏ । କେତେକ ପ୍ରଶ୍ନ ସରଳ ବର୍ଣ୍ଣନା ଆଧାରିତ ଉତ୍ତର ଗୁଡ଼ିକୁ ଆଦାୟ କରିବାକୁ ଚାହୁଁଥିଲା ବେଳେ ଆଉ କେତେକ ଅଧିକ ଅନୁସନ୍ଧାନ ମୂଳକ କଥୋପକଥନ ପାଇଁ ସହାୟକ ସୂଚନା ଦେବାକୁ ଉଦ୍ଦିଷ୍ଟ ଥାଏ । ଏହି ସବୁ ପ୍ରଶ୍ନଗୁଡ଼ିକ ଶିକ୍ଷାର୍ଥୀମାନଙ୍କ ନିଜସ୍ୱ ଅଭିଜ୍ଞତାକୁ ସଂପର୍କିତ କରି ଚିନ୍ତା ଓ ପୁର୍ବାନୁମାନ ଭିତ୍ତିକ ଥାଏ । ଏଠାରେ ପ୍ରତ୍ୟେକ ପ୍ରଶ୍ନର କେତେକ ଉଦାହରଣ ଦିଆଯାଇଛି–

- ଏଇଟି କାହାର ଛବି ?
- ତୁମେ ଏ ଛବିରେ କ'ଣ ଦେଖିଲ ବର୍ଣ୍ଣନା କରିପାରିବ କି ?
- ଲୋକମାନେ କ'ଣ କରୁଛନ୍ତି ?
- ତୁମେ କେବେ ଏ ଖେଳଗୁଡ଼ିକୁ ଖେଳିଛ କି ? ଏଗୁଡ଼ିକ କିପରି ଖେଳାଯାଏ ତୁମେ ବୁଝାଇ ପାରିବ କି ?
- ତୁମେ କେବେ ତୁମର ପରିବାରକୁ ଚାଷ କାମରେ ସାହାଯ୍ୟ କରିଛ କି ?
- ଚାଷରୁ ମିଳୁଥିବା ତୁମର ପ୍ରିୟ ଖାଦ୍ୟ କ'ଣ ? ଏହା କିପରି ପ୍ରସ୍ତୁତ କରାଯାଏ ?
- ଛବିର କେଉଁ ଅଂଶକୁ ତୁମେ ଅଧିକ ପସନ୍ଦ କର ? କାହିଁକି ?

ମୁଁ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଯତ୍ନର ସହିତ ଶୁଣେ । ଶୁଣିବା ସମୟରେ ସଂଶୋଧନ କରେନାହିଁ ବା ସେମାନଙ୍କ କହିବାରେ ବାଧା ସୃଷ୍ଟି କରେ ନାହିଁ । ଶିକ୍ଷାର୍ଥୀମାନେ କେମିତି ଯତ୍ନର ସହିତ ଶୁଣନ୍ତୁ, ତାହା ଉପରେ ଗୁରୁତ୍ୱ ଦିଏ । ମୋ ଶିକ୍ଷାର୍ଥୀମାନଙ୍କୁ ସେମାନେ ଯାହା ଦେଖିଛନ୍ତି ଓ ଜାଣିଛନ୍ତି ସେ ବିଷୟରେ କହିବାକୁ ଉତ୍ସାହିତ କରି ମୁଁ ସେମାନଙ୍କ ବିଷୟରେ ଅନେକ କଥା ଶିଖେ । ସେମାନଙ୍କର ଦକ୍ଷତା ଆକଳନ ପାଇଁ ଏହା ମୋତେ ସାହାଯ୍ୟ କରେ ଓ ସେମାନଙ୍କୁ ଆଗେଇ ନେବା ପାଇଁ ବିଭିନ୍ନ ଉପାୟ ବିଚାର କରିବାରେ ମଧ୍ୟ ସାହାଯ୍ୟ କରେ ।

ମୋର ଅଳ୍ପ କେତେକ ଶିକ୍ଷାର୍ଥୀ କହିବାକୁ ଲାଜ କରନ୍ତି, କିନ୍ତୁ ସେମାନେ ସେମାନଙ୍କର ସହପାଠୀମାନଙ୍କୁ ସ୍ପଷ୍ଟ ଭାବେ ଶୁଣନ୍ତି । ଯେଉଁ ଶିକ୍ଷାର୍ଥୀମାନେ ଉତ୍ତର ଦିଅନ୍ତି ଓ ପ୍ରଶ୍ନ ପଚାରନ୍ତି ସେମାନଙ୍କୁ ଆଗ୍ରହନ୍ୱିତ କରିବା ପାଇଁ ମୁଁ ଶବ୍ଦଟିଏ କହି ବା ମୁଣ୍ଡଟୁଙ୍ଗାରି ସମ୍ମତି ଜଣାଇଥାଏ ।

କଥନ ଓ ଶ୍ରବଣର ଭଲ ମଡ଼େଲ ଗୁଡ଼ିକୁ ମୋ ଶିକ୍ଷାର୍ଥୀମାନଙ୍କୁ ଦେବାକୁ ମୁଁ ସବୁବେଳେ ଚେଷ୍ଟା କରେ । ମୁଁ ସ୍ପଷ୍ଟ ଭାବରେ କଥୋପକଥନ କରେ, ଯେଉଁମାନେ ପ୍ରତିକ୍ରିୟା ପ୍ରକାଶ କରନ୍ତି ସେମାନଙ୍କ ସହ ଚକ୍ଷୁର ସଂପର୍କ ରଖେ ଓ ସେମାନଙ୍କ ଉପରେ ମୋର ଆଗ୍ରହ ସୂଚାଇବା ପାଇଁ ପରବର୍ତ୍ତି ପ୍ରଶ୍ନ ପଚାରେ ।



### ଟିକିଏ ଚିନ୍ତା କରନ୍ତୁ

- ଶ୍ରୀମତୀ ପ୍ରତିମାଙ୍କର କେଉଁ ପ୍ରଶ୍ନଗୁଡ଼ିକ ଅନୁସନ୍ଧାମୂଳକ କଥୋପକଥନ ପାଇଁ ତାଙ୍କ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରେ ?
- ସେ କିପରି ନିଶ୍ଚିତ କରନ୍ତି ଯେ ତାଙ୍କର ସବୁ ଶିକ୍ଷାର୍ଥୀମାନେ କାର୍ଯ୍ୟରେ ଜଡ଼ିତ ରୁହନ୍ତି ?
- ବକ୍ତା ଓ ଶ୍ରୋତା ଭାବରେ ନିଜର ଶିକ୍ଷାର୍ଥୀମାନଙ୍କୁ ଆକଳନ କରିବାକୁ ଶ୍ରୀମତୀ ପ୍ରତିମାଙ୍କ ପାଖରେ କ'ଣ ସବୁ ସୁଯୋଗ ଅଛି ?

ଆପଣଙ୍କ ଶିକ୍ଷାର୍ଥୀମାନେ ସମ୍ଭବତଃ ସାମାଜିକ, ସାଂସ୍କୃତିକ ଓ ଭାଷାଗତ ଆଦି ବିବିଧ ପୃଷ୍ଠଭୂମିରୁ ଆସିଥିବେ । କଥନ ଓ ଶ୍ରବଣ କାର୍ଯ୍ୟଗୁଡ଼ିକ ଯାହା ଆପଣ ଶ୍ରେଣୀ ଗୃହରେ ସନ୍ନିବେଶିତ କରନ୍ତି ତାହା ଆପଣଙ୍କ ଶିକ୍ଷାର୍ଥୀମାନେ ବିଦ୍ୟାଳୟକୁ ଆଣିଥିବା ବିବିଧ ଜ୍ଞାନକୁ ଆଧାର କରି ପ୍ରସ୍ତୁତ ହେବା ଉଚିତ୍। ଯେଉଁ ଶିକ୍ଷାର୍ଥୀଙ୍କ ଘରଭାଷା ବିଦ୍ୟାଳୟ ଭାଷା ଠାରୁ ଭିନ୍ନ ସେମାନଙ୍କ ପାଇଁ ବିଶେଷତଃ ଏହା ସତ୍ୟ ଅଟେ । ଦୃଷ୍ଟିଦିଅନ୍ତୁ ପରିସ୍ଥିତି ଅନୁଧ୍ୟାନ ୧ରେ ସହାୟକ ସୂଚନାରେ ବ୍ୟବହୃତ ଛବି କିପରି ଶ୍ରୀମତୀ ପ୍ରତିମାଙ୍କ ସବୁ ଶିକ୍ଷାର୍ଥୀମାନଙ୍କ ପାଇଁ ପରିଚିତ ଦୃଶ୍ୟ ସବୁ ହୋଇ ପାରିବ । ଆପଣ ସଚେତନ ହୁଅନ୍ତୁ ଯେ ଚୁପ ହୋଇ ରହୁଥିବା ଶିକ୍ଷାର୍ଥୀମାନେ ମଧ ଶ୍ରବଣ, ଚିନ୍ତନ ଓ ଶିକ୍ଷଣରେ ଅଂଶଗ୍ରହଣ କରିପାରନ୍ତି ।

ଆପଣ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ କଥନ ଓ ଶ୍ରବଣ ନିମିତ୍ତ ଉତ୍ସାହିତ କରିବା ପାଇଁ ଆପଣ ନିମ୍ନ କାର୍ଯ୍ୟରେ ଛବିଗୁଡ଼ିକୁ ବ୍ୟବହାର କରିବେ ।

## ଶିକ୍ଷଣକାର୍ଯ୍ୟ ୨ : ଗୋଟିଏ ଛବି ଆଧାରିତ ଦଳଗତ ଆଲୋଚନା

ଏହି କାର୍ଯ୍ୟ ପାଇଁ ଆପଣ ପାଠ୍ୟ ପୁସ୍ତକରୁ ବା ଆପଣଙ୍କ ବିଦ୍ୟାଳୟ କିମ୍ବା ଗୋଷ୍ଠୀର ଅନ୍ୟ ଉତ୍ସମାନଙ୍କରୁ ଯେ କୌଣସି ଛବି ବ୍ୟବହାର କରିପାରିବେ । ପରିସ୍ଥିତି ଅନୁଧ୍ୟାନ ୧କୁ ବ୍ୟବହାର କରି ଏକ ପାଠ ଯୋଜନା ପ୍ରସ୍ତୁତ କରନ୍ତୁ, ଯେଉଁଥିରେ ଆପଣ ଗୋଟିଏ ଛବି ବା ଛବିଗୁଡ଼ିକୁ ବ୍ୟବହାର କରି ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଜ୍ଞାନ ଓ ଅଭିଜ୍ଞତାକୁ ଏଥିରେ ସଂପର୍କିତ କରାନ୍ତୁ। ଯାହା ସେମାନେ ଦେଖନ୍ତି ବା କଳ୍ପନା କରନ୍ତି ତାହା ବିଷୟରେ କଥୋପକଥନ କରିବାକୁ ଉତ୍ସାହିତ କରନ୍ତୁ।


ପାଠ ଯୋଜନା କରିବା ପୂର୍ବରୁ ନିମ୍ନୋକ୍ତ କାର୍ଯ୍ୟ ଗୁଡ଼ିକୁ କରନ୍ତୁ ।

- ଆପଣ କାର୍ଯ୍ୟଟିକୁ କିପରି ସଂଗଠନ କରିବେ ଚିନ୍ତା କରନ୍ତୁ । ବିଚାର କରନ୍ତୁ - କାଳେ ଏହା ଯୋଡ଼ି, ଛୋଟ ଦଳ ବା ସମଗ୍ର ଶ୍ରେଣୀ ସଂପୃକ୍ତି ହୋଇପାରେ ବାଏହା ଶ୍ରେଣୀଗୃହ ଭିତରେ ବା ବାହାରେ ଘଟିପାରେ ।
- ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ପଚାରିବାକୁ ଥିବା ପ୍ରଶ୍ନର ପ୍ରକାର ସଂପର୍କରେ ଜଣେ ସହକର୍ମୀଙ୍କ ସହ ଆଲୋଚନା କରନ୍ତୁ ।

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ଛବି ୨ରେ ଥିବା ଚିତ୍ରଗୁଡ଼ିକ ଉପରେ ଆଧାରିତ । ଆପଣ ବ୍ୟବହାର କରୁଥିବା ଚିତ୍ର ଓ ପଢ଼ାଉଥିବା ଶ୍ରେଣୀର ବୟସକୁ ନେଇ ଭିନ୍ନ ଭିନ୍ନ ପ୍ରଶ୍ନ ପ୍ରସ୍ତୁତ କରିବା ଆବଶ୍ୟକ କରିବେ ।

- ବର୍ଣ୍ଣନାତ୍ମକ ପ୍ରଶ୍ନ :
  - ଏହି ଚିତ୍ରରେ କ'ଣ ଘଟୁଥିବାର ତୁମେ ଚିନ୍ତା କରୁଛ ?
  - ଶିକ୍ଷାର୍ଥୀମାନେ କ'ଣ କରୁଛନ୍ତି ?
  - ସେଠାରେ କେତେ ଜଣ ବାଳିକା ଅଛନ୍ତି ? କେତେ ଜଣ ବାଳକ ? କେତେ ଜଣ ବୟସ୍କ ?
  - ତୁମେ କେଉଁ ରଙ୍ଗଗୁଡ଼ିକୁ ଦେଖି ପାରୁଛ ?
- ଚିନ୍ତା ମୂଳକ ପ୍ରଶ୍ନ :
  - ବୟସ୍କମାନଙ୍କ ଭିତରୁ ଜଣକୁ ସୂଚିତ କରି ପଚାର, 'ସେମାନଙ୍କ ବିଷୟରେ ତୁମେ କ'ଣ ଭାବୁଛ, ଓ ସେମାନେ ପରସ୍ପରକୁ କ'ଣ କହୁଛନ୍ତି ?'
  - କେତେକ ଶିକ୍ଷାର୍ଥୀଙ୍କୁ ସୂଚିତ କରି ପଚାର, 'ସେମାନେ କ'ଣ କହୁଛନ୍ତି ବୋଲି ତୁମେ ଭାବୁଛ ?
  - ପାଣିପାଗ କ'ଣ ? ବା ଋତୁ କ'ଣ ଅଟେ ? ତୁମେ ଏହା କିପରି ଜାଣ ?
  - ଏହା ଦିନର କେଉଁ ସମୟ ବୋଲି ତୁମେ ଭାବୁଛ ? କାହିଁକି ?
  - ଏହା ଶାନ୍ତ ନା କୋଳାହଳମୟ ? ତୁମେ କିପରି ଜାଣିଲ ?
  - ତୁମେ ଭାବୁଛକି ଖାଉଥିବା ବାଳକଟି ବସିଥିବା ସ୍ଥାନରୁ ସ୍କିପିଙ୍ଗ ଖେଳୁଥିବା ବାଳିକାମାନଙ୍କୁ ଦେଖିପାରିବ ?
  - ଶିକ୍ଷାର୍ଥୀମାନେ ଦୁଃଖି ବା ସୁଖି ଅଛନ୍ତି, ତୁମେ କିପରି କହିପାରିବ ?
  - ବାଳିକା ଓ ବାଳକମାନେ ଅଲଗା ଖେଳନ୍ତି କି ? କାହିଁକି ?

- ○ ବାଳିକାମାନେ ବଡ଼ ପାଟି ଶୁଣିବାକୁ ପସନ୍ଦ କରନ୍ତି କି ?
- ପୂର୍ବାନୁମାନ ଭିତ୍ତିକ ପ୍ରଶ୍ନ :
  - ○ କ'ଣ ଘଟିବ ଯେତେବେଳେ ବାଳକଟି ତାର ବାଟୁଳିଖଡ଼ା ମାରିବ ?
  - ○ ବାଳକଟି କ'ଣ ବଲଟିକୁ ଧରିପାରିବ ?
  - ○ ପରେ କ'ଣ ଘଟିବ ତୁମେ ଚିନ୍ତା କରୁଛ ?
- ଚିତ୍ର ସହିତ ଶିକ୍ଷାର୍ଥୀଙ୍କ ନିଜ ଅଭିଜ୍ଞତାକୁ ସଂପର୍କିତ କରି ପ୍ରଶ୍ନ
  - ○ ତୁମର ବିଦ୍ୟାଳୟ ହତାଟି ଏପରି ଦେଖାଯାଏ କି ?
  - ○ ତୁମେ ଏହି ଖେଳଗୁଡ଼ିକୁ ଖେଳ କି ?
  - ○ ତୁମେ କେଉଁ ଖେଳ ଖେଳିବାକୁ ପସନ୍ଦ କର ?
  - ○ ତୁମେ ଖେଳ ପଡ଼ିଆରେ ଥିଲେ କ'ଣ କରିବାକୁ ପସନ୍ଦ କରିବ ?



ଚିତ୍ର-୨ ଶିକ୍ଷାର୍ଥୀମାନଙ୍କ କଥୋପକଥନକୁ ସକ୍ରିୟ କରିବା ପାଇଁ ତିନୋଟି ଚିତ୍ର

## ଟିକିଏ ଚିନ୍ତା କରନ୍ତୁ

ଥରେ ଏହି କାର୍ଯ୍ୟଟିକୁ ଆପଣ ଶ୍ରେଣୀରେ ହାତକୁ ନେଇଥିଲେ, ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ ।

- ଆପଣ କେଉଁ ପ୍ରକାରର ପ୍ରଶ୍ନ ପଚାରିଲେ ?
- ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ଉତ୍ତରର ଦୈର୍ଘ୍ୟ ଓ ଗୁଣବତ୍ତା ବିଷୟରେ ଆପଣ କ'ଣ ଦେଖିଲେ ?

- ଏହି କାର୍ଯ୍ୟ କରୁଥିବା ବେଳେ ଆପଣଙ୍କ ଶିକ୍ଷାର୍ଥୀମାନେ କେଉଁ କୌଶଳଗୁଡ଼ିକୁ ଶିଖୁଥିଲେ ? (ଅନ୍ୟମାନଙ୍କୁ ଶୁଣିବା, ପ୍ରଶ୍ନଗୁଡ଼ିକର ଉତ୍ତରଦେବା, ସେମାନଙ୍କର ଅଭିଜ୍ଞତା ବିଷୟରେ କହିବା ବା ଭାବିବା ଓ ଚିନ୍ତା କରିବା ପାଇଁ ଭାଷା ବ୍ୟବହାର କରିବା ଆଦି ଉଦାହରଣ ଏଥିରେ ଯୋଡ଼ା ଯାଇପାରେ)
- ସେମାନଙ୍କର କୌଣସି କଥୋପକଥନ ଅନ୍ୟାନ୍ୟ ପାଠ୍ୟକ୍ରମ ବିଷୟ ଯଥା ଗଣିତ, ଭୂଗୋଳ ବା ବିଜ୍ଞାନ ସହ ସଂପର୍କିତ ଥିଲା କି ?

ଆପଣଙ୍କ ଶିକ୍ଷାଦାନ ଯୋଜନା ଓ କାର୍ଯ୍ୟଗୁଡ଼ିକରେ ପ୍ରଶ୍ନଗୁଡ଼ିକର ବ୍ୟବହାର ବିଷୟରେ ଅଧିକ ଜାଣିବା ପାଇଁ ସମ୍ବଳ-୨ "ଚିନ୍ତରେ ପ୍ରୋତ୍ସାହନ ପାଇଁ ପ୍ରଶ୍ନ ପଚାରିବା" ପଢନ୍ତୁ ।



ଭିଡ଼ିଓ : ଚିନ୍ତନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଶ୍ନ ପଚାରିବା

ପରବର୍ତ୍ତି କାର୍ଯ୍ୟରେ ଆପଣଙ୍କ ଶିକ୍ଷାର୍ଥୀମାନେ ପ୍ରସ୍ତୁତ ହୋଇ ଶ୍ରେଣୀରେ ଗପ କହିବାକୁ ଉତ୍ସାହିତ କରିବା ପାଇଁ ଆପଣ ଚିତ୍ରମାନ ବ୍ୟବହାର କରିବେ ।

## ଶିକ୍ଷଣକାର୍ଯ୍ୟ ୩ : ଚିତ୍ରଗୁଡ଼ିକରୁ ଗୋଟିଏ ଗପ

ଚିତ୍ର ୩ରେ ଥିବା ଚାରୋଟି ଚିତ୍ରକୁ ଦେଖନ୍ତୁ । ଚିତ୍ରଗୁଡ଼ିକୁ ସଂପର୍କିତ କରି ଗୋଟିଏ ଗପ ପ୍ରସ୍ତୁତ କରନ୍ତୁ । ଏହା ଆପଣ ଚାହିଁବା ଭଳି ଛୋଟ ବା ବଡ଼ ହୋଇପାରିବ ଓ କଥୋପକଥନ ଯୋଡ଼ାଯାଇପାରିବ ।

ଆପଣଙ୍କର ଗପଟିକୁ ଜଣେ ସହକର୍ମୀଙ୍କୁ କୁହନ୍ତୁ । ଏହା ବିଷୟରେ ସେମାନେ କ'ଣ ଚିନ୍ତା କଲେ ?



ଚିତ୍ର-୩, ଚିତ୍ରଗୁଡ଼ିକୁ ବ୍ୟବହାର କରି ଏକ ଗପ ତିଆରି କରିବା

ବର୍ତ୍ତମାନ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ସହିତ ଚିତ୍ର ଆଧାରିତ ଏକ ଗଳ୍ପକଥନ କାର୍ଯ୍ୟ କରନ୍ତୁ । ଏହି ଉଦ୍ଦେଶ୍ୟରେ ଆପଣ ବହିରୁ, ପତ୍ରିକାରୁ ବା ଖବର କାଗଜରୁ, କିମ୍ବା ନିଜେ ବା ସାଙ୍ଗ କିମ୍ବା ସହକର୍ମୀଙ୍କ ଦ୍ୱାରା ଆଙ୍କି ଯେକୌଣସି ପର୍ଯ୍ୟାୟ ଭୁକ୍ତ ଛବିଗୁଡ଼ିକୁ ବ୍ୟବହାର କରିପାରିବେ । କାର୍ଯ୍ୟର ପ୍ରତିରୂପ ଭାବରେ ଛବି ୩ରେ ଥିବା ଚିତ୍ରର କ୍ରମ ସଂପର୍କରେ ଆପଣ କ୍ଷୁଦ୍ରଗଳ୍ପ କହି ଆରମ୍ଭ କରନ୍ତୁ । ତା' ପରେ ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ଯୋଡ଼ିରେ ବା ଦଳରେ ବସାନ୍ତୁ ଓ ସେହି ଏକା ପ୍ରକାର ଚିତ୍ର ସହାୟକ ସୂଚନା ବ୍ୟବହାର କରି ଭିନ୍ନ ଭିନ୍ନ ଗପ ପ୍ରସ୍ତୁତ କରିବାକୁ ସେମାନଙ୍କୁ ଆମନ୍ତ୍ରଣ କରନ୍ତୁ । ଶିକ୍ଷାର୍ଥୀମାନଙ୍କୁ ସମାନ ଘର ଭାଷା ଅନୁସାରେ ଏକତ୍ର କରି ଦଳ ବା ଯୋଡ଼ିରେ ଭାଗ କରନ୍ତୁ । ଯାହା ଫଳରେ ସେମାନେ ସେହି ଭାଷାରେ ଗପ କହିବାକୁ ନିଜକୁ ପ୍ରସ୍ତୁତ କରିପାରିବେ । ଯଦି ସମ୍ଭବ ବିଭିନ୍ନ ପ୍ରକାର ସ୍ୱର ଓ

ଅଙ୍ଗଭଙ୍ଗୀ ବ୍ୟବହାର କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ ।

ଯେତେବେଳେ ସମସ୍ତେ ପ୍ରସ୍ତୁତ ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଗପକୁ ଅନ୍ୟ ଯୋଡ଼ି ବା ଦଳକୁ କିମ୍ବା ସମଗ୍ର ଶ୍ରେଣୀକୁ କହିବାକୁ କୁହନ୍ତୁ । ଗୃହ ଭାଷାର ଗପ ଗୁଡ଼ିକୁ ବିଦ୍ୟାଳୟ ଭାଷାରେ ଅନୁବାଦ କରିବାର ଉପାୟଗୁଡ଼ିକ ସଂପର୍କରେ ଆଲୋଚନା କରିବାକୁ ମଧ୍ୟ ସମୟ ଦିଅନ୍ତୁ ।

ଟିକିଏ ଚିନ୍ତା କରନ୍ତୁ

- ଏହି କାର୍ଯ୍ୟଟି ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ କ'ଣ ଭାଷା ସଂପର୍କିତ ଶିକ୍ଷଣ ସୁଯୋଗ ପ୍ରଦାନ କଲା ?
- ଆପଣ କିପରି ନିଶ୍ଚିତ କଲେ ଯେ ଶ୍ରେଣୀରେ ସମସ୍ତେ ସଂପୃକ୍ତ ଥିଲେ ?
- ଇତିହାସ ପରି ଏକ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ କ୍ଷେତ୍ରରେ ଆପଣ ଏହାକୁ କିପରି ଗ୍ରହଣ କରି ପାରିବେ ?
- ଏହିପ୍ରକାର କାର୍ଯ୍ୟ ମାଧ୍ୟମରେ ଆପଣ କିପରି ଭାଷା ଓ ବିଷୟଗତ ଜ୍ଞାନକୁ ମୂଲ୍ୟାୟନ କରିପାରିବେ ?

## ୩ ଆପଣଙ୍କ ଶିକ୍ଷାଦାନରେ ଶିକ୍ଷାର୍ଥୀଙ୍କ କଥୋପକଥନର ବ୍ୟବହାର କରିବା

ଶିକ୍ଷାର୍ଥୀମାନେ ବହୁତ ସମୟରେ ସେମାନଙ୍କ ଶିକ୍ଷଣ ବିଷୟରେ କଥାବାର୍ତ୍ତା ହୁଅନ୍ତି । ବର୍ତ୍ତମାନ ଶିକ୍ଷଣ କାର୍ଯ୍ୟ ୪ର ପ୍ରୟୋଗ କରନ୍ତୁ ।

### ଶିକ୍ଷଣକାର୍ଯ୍ୟ ୪ : ଆପଣଙ୍କ ଶିକ୍ଷାର୍ଥୀମାନଙ୍କ କଥୋପକଥନକୁ ଶୁଣିବା

ଶିକ୍ଷାର୍ଥୀମାନଙ୍କ କଥୋପକଥନକୁ ଏକ ଶିକ୍ଷଣ ସମ୍ବଳ ଭାବେ ଗ୍ରହଣ କରିବାର ସମ୍ଭାବନାକୁ ବୁଝିବା ପାଇଁ ଆପଣଙ୍କ ଶିକ୍ଷାର୍ଥୀମାନଙ୍କର ଏକ ବାର୍ତ୍ତାଳାପକୁ ଧ୍ୟାନର ସହିତ ଶୁଣନ୍ତୁ, ଆବଶ୍ୟକ ହେଲେ ବାରମ୍ବାର ଶୁଣନ୍ତୁ ।

ଯଦି ମନଦେଇ ଶୁଣିବେ, ଆକସ୍ମିକଭାବେ ନିମ୍ନୋକ୍ତ ମଧ୍ୟରୁ କେତେକ ଆପଣଙ୍କ ଶିକ୍ଷାର୍ଥୀମାନେ କରୁଥିବାର ଜାଣିପାରିବେ ।

- କେତେକ କାର୍ଯ୍ୟ ପ୍ରତି ଧ୍ୟାନ ଦେବା
- ଏହା ବିଷୟରେ ଯତ୍ନର ସହ ଚିନ୍ତା କରିବା
- ପର୍ଯ୍ୟବେକ୍ଷଣ ଓ ଅଭିଜ୍ଞତାଗୁଡ଼ିକୁ ଠିକ୍ ଭାବରେ ସଂଗଠିତ କରିବା
- ଜଣେ ଅନ୍ୟଜଣଙ୍କର ପର୍ଯ୍ୟବେକ୍ଷଣ ଓ ଅଭିଜ୍ଞତାକୁ ଆହ୍ୱାନ କରିବା
- ପର୍ଯ୍ୟବେକ୍ଷଣ ଓ ଅଭିଜ୍ଞତା ଆଧାରରେ ଯୁକ୍ତି କରିବା
- ଏକ ପୂର୍ବାନୁମାନ କରିବା
- ଏକ ପର୍ଯ୍ୟବେକ୍ଷଣ ଓ ଅଭିଜ୍ଞତାକୁ ସ୍ମରଣ କରିବା
- ଅନ୍ୟର ଅଭିଜ୍ଞତା ବା ଭାବନାକୁ କଳ୍ପନା କରିବା
- ସେମାନଙ୍କ ନିଜ ଭାବନା ବା ଅଭିଜ୍ଞତାକୁ ପୁନଃ ମନେ ପକାଇବା

ଟିକିଏ ଚିନ୍ତା କରନ୍ତୁ

- ଆପଣ କୌଣସି ଶିକ୍ଷାର୍ଥୀଙ୍କୁ ଶୁଣିଛନ୍ତି କି ଯେଉଁମାନେ ଶିକ୍ଷଣ ପ୍ରକ୍ରିୟାରେ ଥାଇ କିଛି ଶିଖୁଥିଲେ ବା ସେମାନଙ୍କ ଶିକ୍ଷଣକୁ କଥୋପକଥନ ମାଧ୍ୟମରେ ଏକତ୍ରୀକରଣ କରୁଥିଲେ ?
- ଆପଣ ଏହି ବାର୍ତ୍ତାଳାପ ଗୁଡ଼ିକୁ ଆପଣଙ୍କର ଶିକ୍ଷାଦାନର ସମ୍ବଳ ରୂପେ କିପରି ବ୍ୟବହାର କରିବେ ?

ଜଣେ ଶିକ୍ଷକ ଭାବରେ ଏକ ଭଲ ଶ୍ରୋତା ହେବା ଗୁରୁତ୍ୱପୂର୍ଣ୍ଣ ଅଟେ । ଅନେକ ସମୟରେ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ କଥୋପକଥନର ଉପାଦନକୁ ଆପଣଙ୍କର ଭବିଷ୍ୟତ ପାଠ ଯୋଜନାରେ ସନ୍ନିବେଶିତ କରିପାରିବେ ।

ବର୍ତ୍ତମାନ ପରିସ୍ଥିତି ଅନୁଧ୍ୟାନ-୨ରେ ଥିବା ଦୁଇଟି ଉଦାହରଣକୁ ପଢ଼ନ୍ତୁ । ଆପଣ ପଢ଼ିବାବେଳେ, ଚିନ୍ତା କରନ୍ତୁ ଶିକ୍ଷକମାନେ ଯାହା ଶୁଣନ୍ତି ତାହାକୁ ସେମାନଙ୍କର ଶିକ୍ଷାଦାନ ପାଇଁ ସୂଚନା ଭାବରେ କିପରି ବ୍ୟବହାର କରନ୍ତି । ଆପଣ ଯେତେବେଳେ ପଢ଼ା ଶେଷ କରିବେ, ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ଶୁଣିବା ଉପରେ ଆଉ ଏକ ସୁଯୋଗ ଖୋଜନ୍ତୁ । ସେମାନଙ୍କ କଥୋପକଥନର କେଉଁ ଦିଗଗୁଡ଼ିକ ଆପଣଙ୍କର ଭବିଷ୍ୟତ ଶ୍ରେଣୀଗୃହ କାର୍ଯ୍ୟଗୁଡ଼ିକ ପାଇଁ ସୂଚିତ କରିପାରିବ ।

## ପରିସ୍ଥିତି ଅନୁଧ୍ୟାନ ୨ : ପିଲାଙ୍କ କଥାବାର୍ତ୍ତାକୁ ନେଇ ଭିତ୍ତି ପ୍ରସ୍ତୁତ କରିବା

*ଶ୍ରୀମତୀ ଭାରତୀ ଅନୁଗୁଳର ଏକ ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ଜଣେ ଶିକ୍ଷୟତ୍ରୀ ଅଟନ୍ତି ।*

ମୁଁ ବାହାରେ ମଧ୍ୟାହ୍ନ ଭୋଜନ ଖାଉଥିବା ବେଳେ ଉଚ୍ଚସ୍ୱରରେ ପାଟି ଶୁଣିଲି । ମୁଁ ସେଥିରେ କୌଣସି ବାଧା ନ ଦେଇ ଅତି ନିକଟରୁ ଶୁଣିବାକୁ ସ୍ଥିର କଲି । ସକାଳେ ସେମାନଙ୍କୁ ପଢ଼ାଇଥିବା ଏକ କବିତାକୁ ନେଇ ଚାରିଜଣ ଶିକ୍ଷାର୍ଥୀ ଯୁକ୍ତି କରୁଥିଲେ । ମୁଁ କବିତାକୁ ଯେତେବେଳେ ପଢ଼ାଉଥିଲି, ଶ୍ରେଣୀରେ ସମସ୍ତେ ଶାନ୍ତ ଭାବରେ ଶୁଣିଥିଲେ । ତେଣୁ ମୁଁ ଧରି ନେଇ ଥିଲି ଯେ ସମସ୍ତେ ଶାନ୍ତ ଭାବରେ ଶୁଣୁଥିଲେ ଓ ଏହାକୁ ବୁଝିଥିଲେ ବୋଲି । କିନ୍ତୁ ମୋ ଶିକ୍ଷାର୍ଥୀମାନଙ୍କ ଯୁକ୍ତି ଶୁଣିଲା ପରେ ମୁଁ ଅନୁଭବ କଲିଯେ ସେମାନଙ୍କ ଭିତରୁ ଅଧିକାଂଶ ଏହାକୁ ସଂପୂର୍ଣ୍ଣ ଭୁଲ୍ ବୁଝିଥିଲେ । କବିତାରେ ଥିବା କେତେକ କୈନ୍ଦ୍ରିକ ଶବ୍ଦଗୁଡ଼ିକର ସେମାନେ ଭିନ୍ନ ଅର୍ଥରେ ବ୍ୟାଖ୍ୟା କରୁଥିବାର ଶୁଣିଲି ।

ପରଦିନ କବିତାଟିକୁ ସେମାନଙ୍କ ସହ ପୁନରାବୃତ୍ତି କରିବାକୁ ସ୍ଥିର କଲି ଓ ଏଥିରେ ସେମାନଙ୍କର ବୁଝାମଣାକୁ ଆଉଥରେ ଅନୁସନ୍ଧାନ କଲି। ଏହି ଘଟଣାଟି ମୋତେ ଶିକ୍ଷା ଦେଲା, ପାଠ୍ୟ ପୁସ୍ତକରେ ଥିବା ଅନ୍ୟ ପାଠ ଗୁଡ଼ିକରେ କାଳେ କୌଣସି ଅପରିଚିତ ଶବ୍ଦ ଥିବ ତାହାକୁ ତଦାରଖ କରିବା। ଯତ୍ନର ସହ ବୁଝାଇବା ପାଇଁ ମୁଁ ଅଧିକ ସମୟ ଦେବାକୁ ଆବଶ୍ୟକ ମନେକଲି । ମୁଁ ଏହିପରି ନିୟମିତ ଭାବେ ସେବେଠାରୁ କରିଆସୁଛି ଓ ଏହାର ଉପକାରିତା ମୋର ଦୃଷ୍ଟିଗୋଚର ହୋଇଛି ।

*ଶ୍ରୀଯୁକ୍ତ ସରୋଜ ଯାଜପୁର ଜିଲ୍ଲାର ଏକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ଜଣେ ଶିକ୍ଷକ ଅଟନ୍ତି ।*

ମୁଁ ଅତି ସଂକ୍ଷିପ୍ତ ତଥା ନିର୍ଦ୍ଦିଷ୍ଟ ଭାବରେ ସୂଚନା ଦେଇଥାଏ। ଏହାଦ୍ୱାରା ମୋ ଶିକ୍ଷାର୍ଥୀମାନେ ସେମାନଙ୍କର ଲିଖନ କାର୍ଯ୍ୟଗୁଡ଼ିକୁ ଠିକ୍ ଭାବରେ କରିଥାନ୍ତି ।

ଶ୍ରେଣୀକାର୍ଯ୍ୟ ଆରମ୍ଭ ପୂର୍ବର ଏକ ସକାଳେ, ଅନେକ ଶିକ୍ଷାର୍ଥୀ ଏକତ୍ରିତ ହୋଇ କଥା ହେଉଥିବାର ମୁଁ ଶୁଣିଲି । ସେହି ଅଳ୍ପ କେଇ ମିନିଟ୍ ସମୟ ମଧ୍ୟରେ ସେମାନେ ଏକ ପ୍ରକାର ପ୍ରସଙ୍ଗ ଗୁଡିକୁ ବାଖ୍ୟାକରି, ପ୍ରଶ୍ନପଚାରି, ଯୁକ୍ତି କରି ଓ ଅନୁମାନ କରି ଆଲୋଚନା କରୁଥିଲେ। ସେମାନଙ୍କର ଅନେକ ଗୁଡ଼ିଏ ଆଗ୍ରହୋଦ୍ଦୀପକ ଧାରଣା ଥିଲା ।

ଆକସ୍ମିକ ଭାବେ ସେମାନଙ୍କୁ ଶୁଣିବା ଫଳରେ ମୁଁ ଅନୁଭବ କଲି ଯେ ସେମାନଙ୍କୁ ସେମାନଙ୍କର କଥିତ ଭାଷାର ସମ୍ବଳ, ଅଭିଜ୍ଞତା ଓ ଆଗ୍ରହ ଆଦିକୁ ଏପରି ଉପାୟରେ ଯୋଡ଼ିବାକୁ ସୁଯୋଗ ଦେଲେ, ସେମାନେ ଅଧିକ ସୃଜନଶୀଳ ଓ ଅର୍ଥପୂର୍ଣ୍ଣ ଭାବରେ ଲେଖିପାରିବେ ।

ବର୍ତ୍ତମାନ ମୁଁ ମୋ ଶିକ୍ଷାର୍ଥୀମାନଙ୍କୁ ଚାରି ବା ପାଞ୍ଚ ଜଣିଆ ଦଳରେ ସଂଗଠିତ କରି ବ୍ୟକ୍ତିଗତ ଲିଖନ ଦତ୍ତକାର୍ଯ୍ୟ କରିବା ପାଇଁ ସେମାନଙ୍କୁ ଆମନ୍ତ୍ରଣ କରିବା ପୂର୍ବରୁ ଗୋଟିଏ ପ୍ରସଙ୍ଗ ଆଲୋଚନା କରିବାକୁ ଦେଲି । ସେମାନେ କଥୋପକଥନ କରିଥିବା ଓ ଲେଖିଥିବା ପ୍ରସଙ୍ଗଗୁଡ଼ିକରେ ଯଥା ବିଦ୍ୟାଳୟ ବାହାର ଚା ଦୋକାନ, ସ୍ଥାନୀୟ ଉତ୍ସବ ପାଳନ, ସଂପ୍ରତି ଏକ ଖେଳ ପ୍ରତିଯୋଗିତା ଓ ପଡ଼ିଆରେ ଥିବା ଗଛ ଗୁଡ଼ିକ ସନ୍ନିବେଶିତ ହୋଇଥାଇପାରେ । ବେଳେବେଳେ ମୋ ଶିକ୍ଷାର୍ଥୀମାନଙ୍କୁ ବିଦ୍ୟାଳୟ ହତା ଭିତର ଜିନିଷଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବାକୁ, ଜଣେ ଅନ୍ୟ ଜଣଙ୍କ ସହିତ ଆଲୋଚନା କରିବାକୁ ଓ ପରେ ଏଗୁଡ଼ିକ ବିଷୟରେ ଲେଖିବାକୁ ସେମାନଙ୍କୁ ପଠାଇ ଥାଏ।

> ଅନ୍ତିମ କାର୍ଯ୍ୟରେ ଆପଣ ଏ ଦଳଗତ କାର୍ଯ୍ୟର ପ୍ରାକ୍ ପରୀକ୍ଷଣ କରିବାକୁ ଚେଷ୍ଟା କରିବେ ଯେଉଁଥିରେ କଥୋପକଥନ ଓ ଲିଖନ ସନ୍ନିବେଶିତ ହୋଇଥିବ । ଏହି ପରିପ୍ରେକ୍ଷୀରେ ଆପଣଙ୍କ ପାଇଁ ମୁଖ୍ୟ ସମ୍ବଳ 'ଦଳଗତ କାର୍ଯ୍ୟର ବ୍ୟବହାର କରିବା' ଉପଯୋଗୀ ହୋଇପାରେ।

## ଶିକ୍ଷଣକାର୍ଯ୍ୟ ୫ : ଲିଖନ ପ୍ରସ୍ତୁତି ପାଇଁ ଦଳଗତ କଥୋପକଥନର ବ୍ୟବହାର କରିବା

ଶ୍ରୀଯୁକ୍ତ ସରୋଜଙ୍କର ପରିସ୍ଥିତି ଅନୁଧ୍ୟାନକୁ ମାର୍ଗଦର୍ଶୀକା ଭାବେ ବ୍ୟବହାର କରି ଆପଣ ଗୋଟିଏ ପାଠ ପ୍ରସ୍ତୁତ କରନ୍ତୁ ଯେଉଁଥିରେ ଆପଣଙ୍କ ଶିକ୍ଷାର୍ଥୀମାନେ ସେ ବିଷୟରେ ବ୍ୟକ୍ତିଗତ ଲିଖନ କାର୍ଯ୍ୟ କରିବା ପୂର୍ବରୁ ପ୍ରସଙ୍ଗ ସମ୍ପର୍କରେ ନିଜଭିତରେ ଆଲୋଚନା କରିବେ।

- ଆପଣଙ୍କ ଶ୍ରେଣୀକୁ ଚାରି / ପାଞ୍ଚ ବା ଛଅ ଜଣିଆ ଦଳରେ ବିଭକ୍ତ କରନ୍ତୁ ।
- ପ୍ରତ୍ୟେକ ଦଳକୁ ଏକ ପ୍ରସଙ୍ଗ ଆଲୋଚନା ପାଇଁ ଦିଅନ୍ତୁ । ଏହା ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ବୟସ ଓ ଆଗ୍ରହ ଉପରେ ନିର୍ଭର କରେ । ଆପଣ ପ୍ରତ୍ୟେକ ଦଳକୁ ଗୋଟିଏ ଫଟୋ ବା ସମ୍ବାଦପତ୍ର କଟା ଅଂଶ ଅନୁପ୍ରେରଣା ନିମିତ୍ତ ଦିଅନ୍ତୁ ।
- ସେମାନଙ୍କ ଏକତ୍ର କଥୋପକଥନକୁ ଆପଣ କିପରି ପସନ୍ଦ କରିବେ ଦୁଇ ବା ତିନିଜଣ ଶିକ୍ଷାର୍ଥୀଙ୍କ ସହିତ ପ୍ରତିରୂପ ଗଠନ କରନ୍ତୁ, ସହାୟକ ଅନୁସନ୍ଧାନ ମୂଳକ ପ୍ରଶ୍ନ କିପରି ପଚାରିବାକୁ ହେବ ପ୍ରଦର୍ଶନ କରନ୍ତୁ ଓ ସେମାନଙ୍କର ସହପାଠୀମାନଙ୍କର ଉତ୍ତରକୁ ସମ୍ମାନର ସହ ଶୁଣନ୍ତୁ ।
- ଶ୍ରେଣୀର ଚାରିପଟେ ବୁଲନ୍ତୁ, ଆବଶ୍ୟକ ହେଲେ ଦଳଗୁଡ଼ିକୁ ସାହାଯ୍ୟ କରନ୍ତୁ । ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ବ୍ୟବହାରକୁ, ସେମାନଙ୍କର ଭାଷାଗତ ପାରଦର୍ଶିତା ଓ ଆଲୋଚିତ ହେଉଥିବା ପ୍ରସଙ୍ଗ ବିଷୟରେ ସେମାନଙ୍କର ବୋଧଗମ୍ୟତାକୁ ପର୍ଯ୍ୟବେକ୍ଷଣ କରିବାକୁ ଏହାକୁ ଏକ ସୁଯୋଗ ଭାବେ ବ୍ୟବହାର କରନ୍ତୁ ।
- ଆଲୋଚନା ଅଧିବେଶନ ପରେ ଆପଣଙ୍କର ଶିକ୍ଷାର୍ଥୀମାନଙ୍କୁ ସେମାନେ ଏକତ୍ର ଆଲୋଚନା କରିଥିବା ପ୍ରସଙ୍ଗ ବିଷୟରେ ଗୋଟିଏ ସଂକ୍ଷିପ୍ତ ପ୍ରବନ୍ଧ ଲେଖିବାକୁ ଶିକ୍ଷାର୍ଥୀମାନଙ୍କୁ କୁହନ୍ତୁ ।
- ଅନେକ ସମୟରେ ଆପଣ ଆଗ୍ରହୀ ଥିବା ଦଳର ଅନ୍ୟ ସଦସ୍ୟଙ୍କୁ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ପ୍ରବନ୍ଧ ଦେବାକୁ ନିଶ୍ଚିତ ଇଚ୍ଛା କରିବେ ।
- ପରିଶେଷରେ ଦେଖିବେ ଆପଣଙ୍କ ଶିକ୍ଷାର୍ଥୀମାନଙ୍କର ଲିଖନ କାର୍ଯ୍ୟର ମୂଲ୍ୟାୟନ ଆପଣଙ୍କ ପରବର୍ତ୍ତୀ ପାଠଗୁଡ଼ିକ ଯୋଜନା କରିବାରେ ସୂଚନା ପ୍ରଦାନ କରୁଛି ।

## ସାରାଂଶ

ଏହି ଏକକ ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ଜଣେ ଅନ୍ୟଜଣଙ୍କୁ କହିବା ଓ ଶୁଣିବା ପାଇଁ ସୁଯୋଗ ସୃଷ୍ଟି ନିମିତ୍ତ ଧାରଣାମାନ ଯୋଗାଇ ଦେଇଛି ଫଳରେ ଏହା ସେମାନଙ୍କର ଶ୍ରେଣୀ ଗୃହର ଶିକ୍ଷଣକୁ ସହାୟତା ପ୍ରଦାନ କରିପାରିବ । ଶିକ୍ଷାର୍ଥୀମାନଙ୍କ ଆଲୋଚନା, ଉଭୟ ବିଷୟବସ୍ତୁ ଓ ଭାଷାଗତ ଦକ୍ଷତା କ୍ଷେତ୍ରରେ ସେମାନଙ୍କର ବୋଧଗମ୍ୟତା ଓ ଅଭିବୃଦ୍ଧି ଜାଣିବାକୁ ଆପଣଙ୍କୁ ଅନ୍ତର୍ଦୃଷ୍ଟି ପ୍ରଦାନ କରିବାରେ କେତେ ଉପଯୋଗୀ ଏହା ପ୍ରଦର୍ଶିତ ହୋଇଛି ।

ଆପଣଙ୍କ ଶ୍ରେଣୀଗୃହର ଅଭ୍ୟାସ ଓ ପାଠ ଯୋଜନା କରିବାରେ ଏହି ସୂଚନାଗୁଡ଼ିକର ଅବଦାନ ରହିବ । ଆପଣଙ୍କ ଶିକ୍ଷାର୍ଥୀମାନଙ୍କ କଥୋପକଥନ ଶୁଣି, ସେମାନଙ୍କର ଉପଲବ୍ଧି ବଢ଼ାଇବା ପାଇଁ ସେମାନଙ୍କ ଶିଖିବା ଓ ଚିନ୍ତାକରିବା ଦକ୍ଷତାକୁ ନେଇ ଆପଣ ପାଠଯୋଜନା କରିପାରିବେ ।

# ସମ୍ବଳ ସମୂହ

## ସମ୍ବଳ ୧ : ଶିକ୍ଷଣ ପାଇଁ କଥୋପକଥନ

## ଶିକ୍ଷଣ ପାଇଁ କଥୋପକଥନ କାହିଁକି ଗୁରୁତ୍ୱପୂର୍ଣ୍ଣ

କଥୋପକଥନ ମଣିଷ ସମାଜର ବିକାଶର ଏକ ଅଂଶ ଯାହା ଆମକୁ ପୃଥିବୀ ବିଷୟରେ ଚିନ୍ତା କରିବାକୁ, ଶିଖିବାକୁ ଓ ବୁଝିବାକୁ ସାହାଯ୍ୟ କରେ । ଆମ୍ଭେ ଚିନ୍ତାଶକ୍ତି, ଜ୍ଞାନ ଓ ବୋଧ ଶକ୍ତିର ବିକାଶ ପାଇଁ ଭାଷାକୁ ଏକ ସାଧନୀ ଭାବେ ବ୍ୟବହାର କରୁ । ତେଣୁ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଶିକ୍ଷଣ ଅଭିଜ୍ଞତାର ଅଂଶଭାବେ କଥୋପକଥନ ପାଇଁ ଉତ୍ସାହିତ କରିବା ଅର୍ଥ ସେମାନଙ୍କର ଶୈକ୍ଷିକ ଅଭିବୃଦ୍ଧିକୁ ବିକାଶ କରିବା । କୌଣସି ଧାରଣା ବିଷୟରେ କଥୋପକଥନ ମାଧ୍ୟମରେ ଶିଖିବା ଦ୍ୱାରା....

- ସେହି ଧାରଣାଗୁଡ଼ିକ ଆବିଷ୍କୃତ ହୋଇଥାଏ ।
- ଯୁକ୍ତି କରିବା ଦକ୍ଷତା ସଂଗଠିତ ହୋଇଥାଏ ଓ ବିକଶିତ ହୋଇଥାଏ ।
- ଶିକ୍ଷଣ ତ୍ୱରାନ୍ୱିତ ହୋଇଥାଏ ।

ଗୋଟିଏ ଶ୍ରେଣୀ ଗୃହରେ ଶିକ୍ଷାର୍ଥୀମାନଙ୍କ କଥୋପକଥନକୁ ବ୍ୟବହାର କରିବା ପାଇଁ ଘୋଷା, ପୁନରାବୃତ୍ତିରୁ ଆରମ୍ଭ କରି ଉଚ୍ଚତର ଆଲୋଚନା ପର୍ଯ୍ୟନ୍ତ ବିଭିନ୍ନ ଉପାୟମାନ ଥାଏ ।

ଏକ ଶିକ୍ଷକ କୈନ୍ଦ୍ରିକ ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କ କଥୋପକଥନ ବା ଜ୍ଞାନଠାରୁ ଶିକ୍ଷକମାନଙ୍କ କଥୋପକଥନ ଅଧିକ ପ୍ରଭାବଶାଳୀ । ତେଣୁ, ଶିକ୍ଷଣ ପାଇଁ କଥନରେ ଏପରି ପାଠ ଯୋଜନା କରିବା । ଯାହା ଫଳରେ ଶିକ୍ଷାର୍ଥୀମାନେ ଅଧିକ କଥୋପକଥନ କରିପାରିବେ ଓ ଶିଖିପାରିବେ ତଥା ସେମାନଙ୍କର ପୂର୍ବ ଅଭିଜ୍ଞତାସହ ସଂପର୍କ ସ୍ଥାପନ କରିପାରିବ । ଶିକ୍ଷକ ଓ ସେମାନଙ୍କ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପ୍ରଶ୍ନ ଓ ଉତ୍ତର ଅଧିବେଶନ ଠାରୁ ଏହା ଅଧିକ ପ୍ରଭାବଶାଳୀ । ଏଥିରେ ଶିକ୍ଷାର୍ଥୀର ନିଜର ଭାଷା, ଧାରଣା, ଚିନ୍ତନ, ଓ ଆଗ୍ରହ ସମୂହକୁ ଅଧିକ ସମୟ ଦିଆଯାଏ । ଆମ ଭିତରୁ ଅଧିକାଂଶ କେତେକଙ୍କ ସହ ଏକ କ୍ଲିଷ୍ଟ ବିଷୟକୁ ନେଇ କଥୋପକଥନ କରିବାକୁ ଚାହାଁନ୍ତି ବା କିଛି ଖୋଜି ବାହାର କରିବାକୁ ଚାହାନ୍ତି । ଶିକ୍ଷକ ଶିକ୍ଷୟତ୍ରୀମାନେ ଏହିଭଳି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବା ବିଧେୟ ।

## ଶ୍ରେଣୀଗୃହରେ ଶିକ୍ଷଣକାର୍ଯ୍ୟ ପାଇଁ କଥୋପକଥନ ଯୋଜନା କରିବା

କଥୋପକଥନ କାର୍ଯ୍ୟଗୁଡ଼ିକର ଯୋଜନା ଠିକ୍ ସାକ୍ଷରତା ଓ ଶବ୍ଦଭଣ୍ଡାର ପାଠ ପାଇଁ ଯୋଜନା ନୁହେଁ । ଏହା ଗଣିତ ଓ ବିଜ୍ଞାନ କାର୍ଯ୍ୟ ଏବଂ ଅନ୍ୟ ପ୍ରସଙ୍ଗ ଗୁଡ଼ିକର ଯୋଜନାର ମଧ୍ୟ ଅଂଶ ଅଟେ । ଏହା ସମଗ୍ର ଶ୍ରେଣୀ, ଯୋଡ଼ି, ବା ଦଳଗତ କାର୍ଯ୍ୟ, ବାହାର କାର୍ଯ୍ୟ, ଭୂମିକା ଅଭିନୟ ଭିତ୍ତିକ କାର୍ଯ୍ୟ, ଲିଖନ, ପଠନ, ବ୍ୟବହାରିକ ଅନୁସନ୍ଧାନ ଓ ସୃଜନାତ୍ମକ କାର୍ଯ୍ୟରେ ଯୋଜନା କରାଯାଇ ପାରିବ । ଏପରିକି ସୀମିତ ସାକ୍ଷରତା ଓ ଗାଣିତିକ ଦକ୍ଷତା ଥିବା ଛୋଟ ଶିକ୍ଷାର୍ଥୀମାନେ ଉଚ୍ଚତର ଚିନ୍ତନ ଦକ୍ଷତା ପ୍ରଦର୍ଶିତ କରିପାରିବେ ଯଦି କାର୍ଯ୍ୟଟି ସେମାନଙ୍କ ପୂର୍ବ ଅଭିଜ୍ଞତାକୁ ନେଇ ପ୍ରସ୍ତୁତ ହୋଇଥାଏ ଓ ଉପଭୋଗ୍ୟ ହୋଇଥାଏ । ଉଦାହରଣ ସ୍ୱରୂପ – ଶିକ୍ଷାର୍ଥୀମାନେ ଗୋଟିଏ ଗପ, ଏକ ପ୍ରାଣୀ ବିଷୟରେ ବା ଫଟୋ ଗୁଡ଼ିକରୁ, ଚିତ୍ରାଙ୍କନଗୁଡ଼ିକରୁ ବା ବାସ୍ତବ ପଦାର୍ଥ ଗୁଡ଼ିକରୁ ଗୋଟିଏ ଆକାର ତିଆରି କରିପାରିବେ । ଶିକ୍ଷାର୍ଥୀମାନେ କଣ୍ଢେଇ ଖେଳ ବା ଭୂମିକା ଅଭିନୟରେ ଗୋଟିଏ ଚରିତ୍ରକୁ ନେଇ ସମସ୍ୟା ଗୁଡ଼ିକ ବିଷୟରେ ପରାମର୍ଶ ଓ ସମ୍ଭାବ୍ୟ ସମାଧାନ ଗୁଡ଼ିକର ତାଲିକା କରିପାରିବେ ।

ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ଶିଖିବା ଓ ଚିନ୍ତା କରିବା ବିଷୟରେ ଆପଣ ଯାହା ଚାହାଁନ୍ତି ତା ସହିତ କି ପ୍ରକାର କଥୋପକଥନ ଆପଣଙ୍କ ଶିକ୍ଷାର୍ଥୀମାନଙ୍କଠାରେ ବିକାଶ ହେବା ମଧ୍ୟ ଚାହାଁନ୍ତି ତାହାକୁ ନେଇ ସଂପୂର୍ଣ୍ଣ ପାଠ ଯୋଜନା କରନ୍ତୁ । କେତେକ ପ୍ରକାର କଥୋପକଥନ ଅନୁସନ୍ଧାନ ମୂଳକ, ଉଦାହରଣ ସ୍ୱରୂପ 'ଏହା ପରେ କ'ଣ ଘଟିବ ?', ଆମେ ଏହାକୁ ପୂର୍ବରୁ ଦେଖିଛି କି ?, 'ଏହା କ'ଣ ହୋଇ ପାରିବ ?' ବା 'ତୁମେ କାହିଁକି ଏପରି ଭାବୁଛ ?' ଅନ୍ୟ ପ୍ରକାର କଥୋପକଥନ ଗୁଡ଼ିକ ଅତି ବିଶ୍ଳେଷଣାତ୍ମକ, ଉଦାହରଣ ସ୍ୱରୂପ ଧାରଣାଗୁଡ଼ିକୁ, ତଥ୍ୟ ସମୂହକୁ ବା ପରାମର୍ଶଗୁଡ଼ିକୁ ତଉଲିବା ।

ଗୋଟିଏ ବାର୍ତ୍ତାଳାପରେ ପ୍ରତି ଶିକ୍ଷାର୍ଥୀର ଅଂଶଗ୍ରହଣ ପାଇଁ ଏହାକୁ ଆଗ୍ରହପୂର୍ଣ୍ଣ, ଉପଭୋଗ୍ୟ ଓ ସମ୍ଭବପର କରିବାକୁ ଚେଷ୍ଟା କରନ୍ତୁ । ଶିକ୍ଷାର୍ଥୀମାନେ ସେମାନଙ୍କ ମତାମତ ପ୍ରକାଶନରେ ସୁଖୀ ଓ ନିରାପଦ ହେବାକୁ ଚାହାଁନ୍ତି ଓ ଉପହାସିତ ହେବା, ବିନା ଭୟରେ ଧାରଣାଗୁଡ଼ିକର ଅନୁସନ୍ଧାନ କରିବା ବା ସେମାନେ ଏହାକୁ ଭୂଲ ଭାବରେ ନେଉଛନ୍ତି ବୋଲି ଅନୁଭବ କରାଇବାରୁ ମୁକ୍ତ ହେବାକୁ ଚାହାଁନ୍ତି ।

## ଶିକ୍ଷାର୍ଥୀମାନଙ୍କ କଥୋପକଥନ

ଶିକ୍ଷଣ ପାଇଁ କଥୋପକଥନ ଶିକ୍ଷକମାନଙ୍କୁ ନିମ୍ନ ସୁଯୋଗମାନ ଦିଏ । ଯଥା –

- ଶିକ୍ଷାର୍ଥୀମାନେ ଯାହା କହନ୍ତି ତାହାକୁ ଶୁଣିବା
- ଶିକ୍ଷାର୍ଥୀମାନଙ୍କ ଧାରଣାଗୁଡ଼ିକୁ ପସନ୍ଦ କରିବା ଓ ଗଠନ କରିବା
- ଶିକ୍ଷାର୍ଥୀମାନଙ୍କୁ ଏହା ଆଗେଇ ନେବାରେ ଉତ୍ସାହିତ କରିବା

ଉତ୍ତରଗୁଡ଼ିକୁ ଲେଖା ବା ଆନୁଷ୍ଠାନିକ ଆକଳନ କରାଯାଇ ନ ପାରେ । କାରଣ କଥୋପକଥନ ମାଧ୍ୟମରେ ଧାରଣାଗୁଡିକର ବିକାଶ ଶିକ୍ଷଣର ମୂଲ୍ୟବାନ ଅଂଶ ଅଟେ । ସେମାନଙ୍କର ଶିକ୍ଷଣ ବାସ୍ତବ ଅନୁଭୂତ ହେବାକୁ ଆପଣ ଯେତେଦୂର ସମ୍ଭବ ସେମାନଙ୍କର ଅଭିଜ୍ଞତା ଓ ଧାରଣାଗୁଡ଼ିକୁ ବ୍ୟବହାର କରିବା ଉଚିତ ।

ଶିକ୍ଷାର୍ଥୀଙ୍କ ଉତ୍ତମ କଥୋପକଥନ ଅନୁସନ୍ଧାନମୂଳକ ଅଟେ । ଏହାର ଅର୍ଥ ଶିକ୍ଷାର୍ଥୀମାନେ ଅନୁସନ୍ଧାନ ଓ ଜଣେ ଅନ୍ୟ ଜଣଙ୍କର ଧାରଣାଗୁଡ଼ିକୁ ଆହ୍ୱାନ କରନ୍ତି । ଫଳରେ ସେମାନେ ସେମାନଙ୍କର ଉତ୍ତର ଗୁଡ଼ିକ ବିଷୟରେ ଦୃଢ଼ ହୋଇପାରିବେ । ଦଳଗୁଡ଼ିକର ଏକତ୍ର କଥୋପକଥନକୁ ଉତ୍ସାହିତ କରାଯିବା ଉଚିତ । କେବଳ ଜଣେ ଦେଇଥିବା ଉତ୍ତରକୁ ଗ୍ରହଣ କରିବା ପାଇଁ ଏହା ନ ହେଉ । ଆପଣ ସମ୍ଭାବ୍ୟ ପ୍ରଶ୍ନମାନ ବ୍ୟବହାର କରିଥାନ୍ତି ଯଥା କାହିଁକି ?, ତାହା ତୁମେ କିପରି ସ୍ଥିର କଲ ?, ବା ସେହି ସମାଧାନରେ କିଛି ସମସ୍ୟା ଆସିପାରେ ? ବ୍ୟବହାର ମାଧ୍ୟମରେ ଏକ ସମଗ୍ର ଶ୍ରେଣୀ ପରିସ୍ଥିତିରେ ଆହ୍ୱାନ ଭିତ୍ତିକ ଚିନ୍ତନର ପ୍ରତିରୂପ କରିପାରିବେ । ଆପଣ ଶ୍ରେଣୀ ଗୃହର ଚାରିପାଖେ ବୁଲି ଶିକ୍ଷାର୍ଥୀମାନଙ୍କୁ ଦଳରେ ଶୁଣନ୍ତୁ ଓ ସେମାନଙ୍କୁ ଏହି ପ୍ରଶ୍ନ ସବୁ ପଚାରି ସେମାନଙ୍କ ଚିନ୍ତନର ସଂପ୍ରସାରଣ କରନ୍ତୁ ।

ଆପଣଙ୍କ ଶିକ୍ଷାର୍ଥୀମାନେ ଉତ୍ସାହିତ ହେବେ ଯଦି ସେମାନଙ୍କର କଥୋପକଥନ ଧାରଣା ଓ ଅଭିଜ୍ଞତାଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ ଓ ପସନ୍ଦ କରାଯାଏ । ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ବ୍ୟବହାରକୁ ପ୍ରଶଂସା କରନ୍ତୁ ଯେତେବେଳେ ସେମାନେ କଥୋପକଥନ କରୁଛନ୍ତି, ଯତ୍ନର ସହ ଶୁଣୁଛନ୍ତି, ଜଣେ ଅନ୍ୟଜଣଙ୍କୁ ପ୍ରଶ୍ନ ପଚାରୁଛନ୍ତି, ଓ ବିନା ବାଧାରେ ଶିଖୁଛନ୍ତି । ଶ୍ରେଣୀର ସଦସ୍ୟମାନଙ୍କ ପ୍ରତି ସଚେତନ ହୁଅନ୍ତୁ ଯେଉଁମାନେ ସୀମାରେଖାରେ ଅଛନ୍ତି ଓ ଏହା ନିଶ୍ଚିତ କରନ୍ତୁ ସେମାନେ କିପରି ସମସ୍ତଙ୍କ ସହ ସାମିଲ ହୋଇପାରିବେ । ସମସ୍ତ ଶିକ୍ଷାର୍ଥୀର ସଂପୂର୍ଣ୍ଣ ଅଂଶଗ୍ରହଣକୁ କାର୍ଯ୍ୟକାରୀ କରିବା ପାଇଁ ଉପାୟ ସ୍ଥିର କରିବାକୁ କିଛି ସମୟ ଲାଗିପାରେ ।

## ଶିକ୍ଷାର୍ଥୀମାନେ ନିଜକୁ ନିଜେ ପ୍ରଶ୍ନ ପଚାରିବାକୁ ଉତ୍ସାହିତ କରିବା

ଆପଣଙ୍କ ଶ୍ରେଣୀଗୃହରେ ଏକ ବାତାବରଣର ବିକାଶ କରନ୍ତୁ ଯେଉଁଠାରେ ଆହ୍ୱାନମୂଳକ ପ୍ରଶ୍ନଗୁଡ଼ିକ ପଚରାଯାଇ ପାରିବ ଓ ଯେଉଁ ଠାରେ ଶିକ୍ଷାର୍ଥୀମାନଙ୍କ ଧାରଣାଗୁଡ଼ିକୁ ସମ୍ମାନିତ ଓ ପ୍ରଶଂସିତ କରାଯାଇପାରିବ । ଶିକ୍ଷାର୍ଥୀମାନେ ପ୍ରଶ୍ନ ପଚାରିବେ ନାହିଁ ଯଦି ସେମାନେ ଭୟଭୀତ ହୁଅନ୍ତି ଯେ ସେମାନେ କିପରି ଗ୍ରହଣୀୟ ହେବେ ବା ଯଦି ସେମାନେ ଭାବନ୍ତି ଯେ ତାଙ୍କର ଧାରଣାଗୁଡ଼ିକୁ ମୂଲ୍ୟ ଦିଆଯାଉନାହିଁ । ପ୍ରଶ୍ନ ପଚାରିବାକୁ ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ଆମନ୍ତ୍ରଣ କରନ୍ତୁ। ଜାଣିବାର ଆଗ୍ରହ ପ୍ରଦର୍ଶନ ପାଇଁ ଉତ୍ସାହିତ କରନ୍ତୁ। ସେମାନଙ୍କ ଶିକ୍ଷଣ ବିଷୟରେ ଭିନ୍ନ ଭିନ୍ନ ଉପାୟରେ ଚିନ୍ତା କରିବାକୁ କୁହନ୍ତୁ ଓ ସେମାନଙ୍କର ଉଦ୍ଦେଶ୍ୟ ବୁଝିବାକୁ ଆପଣଙ୍କୁ ସାହାଯ୍ୟ କରିବାକୁ କୁହନ୍ତୁ ।

ଆପଣ କେତେକ ନିୟମିତ ଦଳଗତ ବା ଯୋଡ଼ି କାର୍ଯ୍ୟର ଯୋଜନା କରି ପାରିବେ 'ଶିକ୍ଷାର୍ଥୀଙ୍କ ପ୍ରଶ୍ନ ସମୟ' କରିପାରିବେ ଯାହା ଫଳରେ ଶିକ୍ଷାର୍ଥୀମାନେ ସେମାନଙ୍କ ପ୍ରଶ୍ନ ଉତ୍‌ଥାପନ କରିପାରିବେ ବା ସ୍ପଷ୍ଟୀକରଣ ପାଇଁ କହି ପାରିବେ । ଏଥିପାଇଁ ଆପଣ କ'ଣ କରିପାରିବେ –

- ଆପଣଙ୍କ ପାଠର ଏକ ଭାଗକୁ "ତୁମର ପ୍ରଶ୍ନ ଥିଲେ ହାତ ଉଠାଅ" ନାମରେ ନାମିତ କରି....

- ଜଣେ ଶିକ୍ଷାର୍ଥୀଙ୍କୁ ଗୋଟିଏ ଚୌକିରେ ବସାନ୍ତୁ । ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ସେହି ଶିକ୍ଷାର୍ଥୀ ଜଣକୁ ପ୍ରଶ୍ନ ପଚାରିବା ପାଇଁ ଉତ୍ସାହିତ କରନ୍ତୁ ସତେ ଯେପରି ସେମାନେ ପୀଥାଗୋରସ୍ ବା ମୀରାବାଈଙ୍କ ଭଳି ଗୋଟିଏ ଗୋଟିଏ ଚରିତ୍ର ଥିଲେ ।
- "ମୋତେ ଅଧିକ କୁହ" ଖେଳଟିକୁ ଯୋଡ଼ିରେ ବା ଦଳରେ ଖେଳନ୍ତୁ।
- ଶିକ୍ଷାର୍ଥୀମାନଙ୍କୁ ମୌଳିକ ଅନୁସନ୍ଧାନର ଅଭ୍ୟାସ ପାଇଁ କିଏ, କ'ଣ, କେଉଁଠାରେ, କେତେବେଳେ, କେବେ ବା କାହିଁକି ପ୍ରଶ୍ନଥିବା ଏକ ପ୍ରଶ୍ନ ଜାଲ (Question grid) ଦିଅନ୍ତୁ ।
- ଏହି ସପ୍ତାହର ଶିକ୍ଷାର୍ଥୀଙ୍କ ପ୍ରଶ୍ନଗୁଡ଼ିକୁ ନେଇ ଏକ ପ୍ରଶ୍ନ କାନ୍ଥ (Question wall) ପ୍ରସ୍ତୁତି କରନ୍ତୁ ।

ଆଗ୍ରହ ଓ ଚିନ୍ତା ସ୍ତରରେ ଆପଣ ବର୍ତ୍ତମାନ ବିସ୍ମିତ ହୋଇପାରନ୍ତି । ସେମାନେ ସେମାନଙ୍କଠାରୁ ଆସୁଥିବା ପ୍ରଶ୍ନଗୁଡ଼ିକର ମୁକ୍ତ ଭାବରେ ଉତ୍ତର ଦେଉଥିବାର ଓ ପ୍ରଶ୍ନ ପଚାରୁଥିବାର ଆପଣ ଦେଖିବେ । ଯେହେତୁ ଶିକ୍ଷାର୍ଥୀମାନେ ଅଧିକ ସ୍ୱଷ୍ଟ ଓ ଠିକ୍ ଭାବରେ କିପରି ବିନିମୟ କରିବାର ସୁଯୋଗ ପାଆନ୍ତି ସେମାନେ ଯେ କେବଳ ସେମାନଙ୍କର ବାଚନିକ ଓ ଲିଖିତ ଶବ୍ଦଭଣ୍ଡାର ବୃଦ୍ଧି କରୁଛନ୍ତି ତା ନୁହେଁ, ଏଥିସହିତ ସେମାନେ ମଧ୍ୟ ନୂତନ ଜ୍ଞାନ ଓ ଦକ୍ଷତାର ବିକାଶ କରୁଛନ୍ତି ।

## ସମ୍ବଳ ୨ : ଚିନ୍ତନର ବିକାଶ ପାଇଁ ପ୍ରଶ୍ନର ବ୍ୟବହାର

ଶିକ୍ଷକମାନେ ସବୁ ସମୟରେ ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନକରନ୍ତି । ପ୍ରଶ୍ନ କରିବା ଅର୍ଥ ଶିକ୍ଷକମାନେ ଶିକ୍ଷାର୍ଥୀମାନଙ୍କୁ ଅଧିକରୁ ଅଧିକ ଶିଖିବା ପାଇଁ ସାହାଯ୍ୟ କରିପାରିବେ । ସାଧାରଣ ଭାବରେ ଜଣେ ଶିକ୍ଷକ ନିଜର ଏକ ତୃତୀୟାଂଶ ସମୟ ଗୋଟିଏ ପାଠରେ ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନ ପଚାରିବାରେ କଟାନ୍ତି । (ହେଷ୍ଟିଙ୍ଗସ୍, ୨୦୦୩) । ପଚାରିଥିବା ପ୍ରଶ୍ନଗୁଡ଼ିକ ମଧ୍ୟରୁ ଶତକଡ଼ା ୬୦ ଭାଗ ତଥ୍ୟ ମନେ ପକାଇବା ଓ ୨୦ ଶତକଡ଼ା ପ୍ରଣାଳୀ ଭିତ୍ତିକ (ହାତୀ, ୨୦୧୨), ଯେଉଁଥିରେ ଅଧିକାଂଶ ପ୍ରଶ୍ନର ଉତ୍ତର ଭୁଲ୍ ବା ଠିକ୍ ସୂଚିତ କରିବା । କିନ୍ତୁ କେବଳ ଭୁଲ୍ ବା ଠିକ୍ ପ୍ରଶ୍ନମାନ ପଚାରିବା ଦ୍ୱାରା ଶିକ୍ଷଣ ବିକାଶ ଘଟିବ କି ?

ଶିକ୍ଷାର୍ଥୀମାନଙ୍କୁ ଅନେକ ପ୍ରକାରର ପ୍ରଶ୍ନ ପଚରାଯାଇ ପାରିବ । ଶିକ୍ଷକ ଚାହୁଁଥିବା ଉତ୍ତର ଓ ଫଳାଫଳ ଅନୁସାରେ କି ପ୍ରକାର ପ୍ରଶ୍ନ ଶିକ୍ଷକ ବ୍ୟବହାର କରିବା ଉଚିତ ସ୍ଥିର କରିଥାଏ । ସାଧାରଣତଃ ଶିକ୍ଷକମାନେ ନିମ୍ନ ଉଦ୍ଦେଶ୍ୟ ରଖି ପ୍ରଶ୍ନ ପଚାରନ୍ତି –

- ବୁଝିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ କରାଇବା ଯେତେବେଳେ ଏକ ନୂଆ ପ୍ରସଙ୍ଗ ବା ସାମଗ୍ରୀର ପରିଚୟ କରାଯାଏ।
- ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଚିନ୍ତନର ଏକ ବୃହତ ଅଂଶକୁ କାର୍ଯ୍ୟ କରିବାରେ ଅଗେଇ ନେବା।
- ତ୍ରୁଟିର ପ୍ରତିକାର କରିବା।
- ଶିକ୍ଷାର୍ଥୀମାନଙ୍କୁ ସଂପ୍ରସାରିତ କରିବା।
- ବୋଧଗମ୍ୟତା ପାଇଁ ତନଖି କରିବା ।

ଶିକ୍ଷାର୍ଥୀମାନେ କ'ଣ ଜାଣିଛନ୍ତି ଖୋଜି ପାଇବାକୁ ସାଧାରଣତଃ ପ୍ରଶ୍ନ ପଚାରିବା ବ୍ୟବହାର କରାଯାଏ, ଯାହା ଫଳରେ ଏହା ସେମାନଙ୍କର ଅଭିବୃଦ୍ଧି ଆକଳନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ପ୍ରଶ୍ନ ଗୁଡିକ ମଧ୍ୟ ଶିକ୍ଷାର୍ଥୀମାନଙ୍କୁ ଅନୁପ୍ରେରିତ କରିବାକୁ, ଶିକ୍ଷାର୍ଥୀମାନଙ୍କ ଦକ୍ଷତାକୁ ବଢ଼ାଇବା ଓ ଅନୁସନ୍ଧିତ୍ସୁ ମାନସିକତାକୁ ବିକାଶ କରିବା ପାଇଁ ବ୍ୟବହାର କରାଯାଇପାରିବ । ସେମାନଙ୍କୁ ଦୁଇଟି ମୁଖ୍ୟ ବିଭାଗରେ / ଶ୍ରେଣୀରେ ବିଭକ୍ତ କରାଯାଇ ପାରିବ:-

- **ନିମ୍ନ ଧରଣର ପ୍ରଶ୍ନ:** ଏହି ପ୍ରକାର ପ୍ରଶ୍ନର ତଥ୍ୟ ଓ ଜ୍ଞାନକୁ ମନେ ପକାଇବା ତଥା ସୀମିତ ଉତ୍ତର ଆଧାରିତ (ହଁ / ନା ଉତ୍ତର ମୂଳକ ପ୍ରଶ୍ନ)
- **ଉଚ୍ଚତର ପ୍ରଶ୍ନ:** ଏହି ପ୍ରଶ୍ନଗୁଡିକ ଅଧିକ ଚିନ୍ତନ ଆବଶ୍ୟକ କରେ । ପୂର୍ବରୁ ଶିଖିଥିବା ସୂଚନାକୁ ଏକତ୍ର କରି ଗୋଟିଏ ଉତ୍ତର ତିଆରି କରିବା ବା ଏକ ଯୁକ୍ତିକୁ ତର୍କ ଛଳରେ ସହାୟତା କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଏ ପ୍ରକାର ପ୍ରଶ୍ନଗୁଡ଼ିକ କୁହାଯାଇପାରେ । ଉଚ୍ଚତର ପ୍ରଶ୍ନଗୁଡ଼ିକ ସବୁବେଳେ ମୁକ୍ତ ଉତ୍ତରମୂଳକ ହୋଇଥାଏ ।

ମୁକ୍ତ ଉତ୍ତର ମୂଳକ ପ୍ରଶ୍ନଗୁଡ଼ିକ ଶିକ୍ଷାର୍ଥୀମାନଙ୍କୁ ପାଠ୍ୟ ପୁସ୍ତକ ଆଧାରିତ ଆକ୍ଷରିକ ଉତ୍ତର ବାହାରେ ଚିନ୍ତା କରିବାକୁ ଉତ୍ସାହିତ କରେ, ଫଳତଃ ବହୁବିଧ ଉତ୍ତର ବାହାରିଥାଏ । ଏହା ମଧ୍ୟ ଶିକ୍ଷକମାନଙ୍କୁ ଶିକ୍ଷାର୍ଥୀମାନଙ୍କର ପ୍ରସଙ୍ଗ ଆଧାରିତ ବୋଧଗମ୍ୟତା ଆକଳନ କରିବାରେ ସାହାଯ୍ୟ କରେ ।

## ଉତ୍ତର ଦେବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା

ଅଧିକାଂଶ ଶିକ୍ଷକ ଗୋଟିଏ ପ୍ରଶ୍ନର ଉତ୍ତର ପ୍ରସ୍ତୁତି ପାଇଁ ଗୋଟିଏ ବହୁତ କମ ସମୟ ଦିଅନ୍ତି ତେଣୁ ପ୍ରଶ୍ନର ଉତ୍ତର ସେମାନେ ନିଜେ ଦିଅନ୍ତି ବା ଏହାର ପୁନର୍ବିନ୍ୟାସ କରନ୍ତି (ହେ ଷ୍ଟିଙ୍ଗସ୍, ୨୦୦୩) । ଶିକ୍ଷାର୍ଥୀମାନଙ୍କ ପାଇଁ କେବଳ ପ୍ରତିକ୍ରିୟା ପ୍ରକାଶ ପାଇଁ ସମୟ ଥାଏ – ସେମାନଙ୍କର ଚିନ୍ତା କରିବାକୁ ସମୟ ନଥାଏ । ଯଦି ଆପଣ ଉତ୍ତର ଆଶା କରିବା ପୂର୍ବରୁ ଅଳ୍ପ କେତେକ ସେକେଣ୍ଡ ସମୟ ଦେବେ, ଶିକ୍ଷାର୍ଥୀମାନେ ଭାବିବାକୁ ସମୟ ପାଇବେ। ଏହାର ଶିକ୍ଷାର୍ଥୀମାନଙ୍କ ଉପଲବ୍ଧିରେ ଏକ ସକାରାତ୍ମକ ପ୍ରଭାବ ରହିଛି । ଗୋଟିଏ ପ୍ରଶ୍ନପରେ ଅପେକ୍ଷା କରିବାରେ ନିମ୍ନୋକ୍ତ ଦିଗର ବିକାଶ ଘଟିଥାଏ । ଯଥା –

- ଶିକ୍ଷାର୍ଥୀମାନଙ୍କର ଉତ୍ତରର ଦୈର୍ଘ୍ୟ
- ଉତ୍ତର ଦେଉଥିବା ଶିକ୍ଷାର୍ଥୀଙ୍କ ସଂଖ୍ୟା
- ଶିକ୍ଷାର୍ଥୀମାନଙ୍କ ପ୍ରଶ୍ନର ବାରମ୍ବାରତା
- କମ୍ ଦକ୍ଷ ଶିକ୍ଷାର୍ଥୀମାନଙ୍କ ଉତ୍ତରର ସଂଖ୍ୟା
- ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସକାରାତ୍ମକ କ୍ରିୟାପ୍ରତିକ୍ରିୟା

## ଆପଣଙ୍କ ଉତ୍ତର

ଯେତେ ଅଧିକ ସକାରତ୍ମକ ଭାବେ ଦିଆଯାଉଥିବା ଉତ୍ତରଗୁଡ଼ିକୁ ଆପଣ ଗ୍ରହଣ କରିବେ, ସେତେ ଅଧିକ ଶିକ୍ଷାର୍ଥୀ ଚିନ୍ତା ଓ ଚେଷ୍ଟା କରି ଉତ୍ତର ଦେବାକୁ ଲାଗି ପଡ଼ିବେ । ତ୍ରୁଟିଯୁକ୍ତ ଉତ୍ତର ଓ ଭ୍ରମାତ୍ମକ ଧାରଣାଗୁଡ଼ିକୁ ସଂଶୋଧନ କରିବାର ଅନେକ ଗୁଡ଼ିଏ ଉପାୟ ରହିଛି । ଯଦି ଜଣେ ଶିକ୍ଷାର୍ଥୀର ଭ୍ରମାତ୍ମକ ଧାରଣା ଥାଏ, ସେହିପରି ଅନ୍ୟମାନଙ୍କର ମଧ୍ୟ ତାହା ଥାଇ ପାରେ, ଏହା ଆପଣ ଦେଖିପାରିବେ । ଆପଣ ନିମ୍ନୋକ୍ତ ଗୁଡ଼ିକୁ ଚେଷ୍ଟା କରି ପାରିବେ:

- ଉତ୍ତରର ଠିକ ଥିବା ଅଂଶଗୁଡ଼ିକୁ ଆଣନ୍ତୁ ଓ ଶିକ୍ଷାର୍ଥୀମାନଙ୍କୁ ସହାୟକ ଉପାୟରେ ଆଉ ଟିକିଏ ସେମାନଙ୍କର ଉତ୍ତର ସମ୍ପର୍କରେ ଭାବିବାକୁ କୁହନ୍ତୁ । ଏହା ଶିକ୍ଷାର୍ଥୀମାନଙ୍କୁ ସକ୍ରିୟ ଅଂଶଗ୍ରହଣ ଓ ସେମାନଙ୍କ ନିଜ ତ୍ରୁଟିରୁ ଶିଖିବାକୁ ଉତ୍ସାହିତ କରିବ । ନିମ୍ନୋକ୍ତ ଅଭିମତ ଗୁଡ଼ିକ, ଆପଣ ତ୍ରୁଟିଯୁକ୍ତ ଉତ୍ତର ଗୁଡ଼ିକ ପାଇଁ ଆପଣ କିପରି ସହାୟକ ପ୍ରତିକ୍ରିୟା ପ୍ରକାଶ କରିବେ ଉଦ୍ଦିଷ୍ଟ । "ତୁମେ ବାଷ୍ପୀଭବନ ବିଷୟରେ ଯେଉଁ କଥା କହିଲ ତାହା ଠିକ ଅଛି, କିନ୍ତୁ ମୁଁ ଭାବୁଛି ଆମେ ବର୍ଷା ବିଷୟରେ ଆଉ ଟିକିଏ ଅଧିକ ଖୋଜି ବାହାର କରିବା । ଅନ୍ୟ କେହି ଆଉ କିଛି ଧାରଣା ଦେଇ ପାରିବ କି ?
- ଶିକ୍ଷାର୍ଥୀମାନେ ଦେଇଥିବା ସମସ୍ତ ଉତ୍ତରଗୁଡ଼ିକୁ କଳାପଟାରେ ଲେଖନ୍ତୁ ଓ ପରେ ଶିକ୍ଷାର୍ଥୀମାନଙ୍କୁ ଏଗୁଡ଼ିକ ବିଷୟରେ ଚିନ୍ତା କରିବାକୁ କୁହନ୍ତୁ । କେଉଁ ଉତ୍ତର ଗୁଡ଼ିକ ଠିକ୍ ବୋଲି ସେମାନେ ଭାବୁଛନ୍ତି ? ଆଉ କେଉଁ ଉତ୍ତର ଦିଆଯାଇପାରିବ ବୋଲି ସେମାନେ ଭାବୁଛନ୍ତି ? ଏହା ଆପଣଙ୍କୁ ଶିକ୍ଷାର୍ଥୀମାନେ କେଉଁ ଉପାୟରେ ଚିନ୍ତା କରୁଛନ୍ତି ତାହା ଜାଣିବାକୁ ସୁଯୋଗ ପ୍ରଦାନ କରିବ ଓ ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ଏକ ବିନାଧମକପୂର୍ଣ୍ଣ ଉପାୟରେ ସେମାନଙ୍କର ଭ୍ରମାତ୍ମକ ଧାରଣା ଗୁଡ଼ିକୁ ସଂଶୋଧନ କରିବାରେ ବାଟ ଦେଖାଇବ ।

ଯତ୍ନର ସହ ସମସ୍ତ ଉତ୍ତରଗୁଡ଼ିକୁ ଶୁଣି ତାର ମୂଲ୍ୟ ବିଚାର କରନ୍ତୁ ଓ ଶିକ୍ଷାର୍ଥୀମାନଙ୍କୁ ଅଧିକ ବୁଝାଇବା ପାଇଁ କୁହନ୍ତୁ । ଯଦି ଆପଣ ଭୁଲ ବା ଠିକ୍ ହେଉ ଅଧିକ ବୁଝାଇବା ପାଇଁ କୁହନ୍ତି ଶିକ୍ଷାର୍ଥୀମାନେ ସେମାନଙ୍କ ପାଇଁ ସବୁବେଳେ କୌଣସି ତ୍ରୁଟି ସଂଶୋଧନ କରିବେ । ଆପଣ ଏକ ଚିନ୍ତାଶୀଳ ଶ୍ରେଣୀଗୃହର ବିକାଶ କରିପାରିବେ ଓ ପ୍ରକୃତରେ ଆପଣ ଜାଣିପାରିବେ, ଆପଣଙ୍କର ଶିକ୍ଷାର୍ଥୀମାନେ ଆଗେଇବା ପାଇଁ କ'ଣ ଶିକ୍ଷଣ ଅଛି । ଯଦି ଶିକ୍ଷାର୍ଥୀମାନେ ତ୍ରୁଟିଯୁକ୍ତ ଉତ୍ତର ପାଇଁ ଦଣ୍ଡ ପାଆନ୍ତି ବା ସମାଲୋଚିତ ହୁଅନ୍ତି, ତେବେ ସେମାନେ ଲଜ୍ଜା ଓ ଉପହାସ ପାଇଁ ପରବର୍ତ୍ତୀ ସମୟରେ ଚେଷ୍ଟା କରିବା ବନ୍ଦ କରିଦେବେ ।

## ଉତ୍ତରଗୁଡ଼ିକର ଗୁଣାତ୍ମକତାକୁ ବଢ଼ାଇବା

ଏହା ଗୁରୁତ୍ୱପୂର୍ଣ୍ଣ ଯେ ଆପଣ ଏକ କ୍ରମରେ ପ୍ରଶ୍ନ ପଚାରନ୍ତି ଯାହା ଠିକ ଉତ୍ତରରେ ଶେଷ ହୁଏ ନାହିଁ । ଠିକ୍ ଉତ୍ତରଗୁଡ଼ିକ ପରବର୍ତ୍ତୀ ପ୍ରଶ୍ନଗୁଡ଼ିକ ଦ୍ୱାରା ପୁରସ୍କୃତ ହେବା ଉଚିତ ଯାହା ଶିକ୍ଷାର୍ଥୀମାନଙ୍କର ଜ୍ଞାନ ବଢ଼ାଇ ପାରିବ ଓ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷକମାନଙ୍କ ସହିତ ସଂପର୍କିତ ହୋଇ ରହିବାରେ ସୁଯୋଗ ପ୍ରଦାନ କରିବ । ନିମ୍ନଲିଖିତ ଟିପ୍ପଣୀ ଦେଇ ଆପଣ ଏହା କରିପାରିବେ –

- କିପରି ବା କାହିଁକି ?
- ଅନ୍ୟ ଉପାୟରେ ଉତ୍ତର ଦେବାକୁ...
- ଆଉ ଗୋଟିଏ ଭଲ ଶବ୍ଦ...
- ଉତ୍ତରକୁ ପ୍ରତିପାଦିତ କରିବା ପାଇଁ ସୂଚନା
- ସଂପର୍କିତ ଦକ୍ଷତାକୁ ସମନ୍ୱିତ କରିବା
- ସେହି ଦକ୍ଷତାର ପ୍ରୟୋଗ ବା ନୂଆ ଧାରାରେ ଯୁକ୍ତି

ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଉତ୍ତର ପାଇଁ ଗଭୀର ଚିନ୍ତା କରିବାରେ ସାହାଯ୍ୟ କରିବା ନିମିତ୍ତ ( ତା ଦ୍ୱାରା ଗୁଣାତ୍ମକତାର ବିକାଶ କରିବା) ଆପଣଙ୍କର ଏକ ନିର୍ଣ୍ଣାୟକ ଭୂମିକା ରହିଛି । ନିମ୍ନୋକ୍ତ କୌଶଳଗୁଡ଼ିକ ଶିକ୍ଷାର୍ଥୀମାନଙ୍କୁ ଅଧିକ ଉପଲବ୍ଧିରେ ସାହାଯ୍ୟ କରିବ:

- **ସହାୟକ ସୂଚନା ଦେବା (Prompting):** ଏଥିରେ ଶିକ୍ଷାର୍ଥୀଙ୍କୁ ଥରେ ସହାୟକ ସୂଚନା ଦିଆଯାଏ । ଯାହା ସେମାନଙ୍କର ଉତ୍ତରର ବିକାଶ ଓ ଉନ୍ନତି କରିବାରେ ସାହାଯ୍ୟ କରେ । ଆପଣ ପ୍ରଥମେ ଉତ୍ତରରେ କେଉଁଠି ଠିକ୍ ପଚାରିବାକୁ ସ୍ଥିର କରନ୍ତୁ ଓ ପରେ ସୂଚନା ପରବର୍ତ୍ତୀ ପ୍ରଶ୍ନ ବା ଅନ୍ୟ ସହାୟତା ଦିଅନ୍ତୁ (ଯେପରି – ତୁମର କାଗଜ ଉଡାଯାହାଜ ପଛରେ ଏକ ଓଜନିଆ ଜିନିଷ ଯୋଡ଼ିଲେ କ'ଣ ଘଟିବ)
- **ପରୀକ୍ଷା କରିବା (Probing):** ଉତ୍ତର ପାଇବା ପାଇଁ ଚେଷ୍ଟା କରିବା, ଯାହା ଶିକ୍ଷାର୍ଥୀମାନଙ୍କୁ କହିବାକୁ ଥିବା ନିର୍ଣ୍ଣାୟକ ଉତ୍ତର ସଂପର୍କରେ ସ୍ୱଷ୍ଟତା ଦେବ ବା ଏହା ଆଂଶିକ ଭାବେ ଠିକ୍ (ଯେପରି – "ଏହା ଏକତ୍ର କିପରି ଖାପ ଖାଉଛି" ବିଷୟରେ ତୁମେ ଅଧିକ କ'ଣ କହି ପାରିବ) ।
- **ପୁନଃ କେନ୍ଦ୍ରିତ କରିବା (Refocusing):** ଏହାର ଅର୍ଥ ଶିକ୍ଷାର୍ଥୀମାନଙ୍କ ଜ୍ଞାନ ସହ ସଂପର୍କିତ କରି ଠିକ୍ ଉତ୍ତର ପ୍ରସ୍ତୁତ କରିବା ଯାହା ସେମାନେ ପୂର୍ବରୁ ହାସଲ କରିଛନ୍ତି । ଏହା ସେମାନଙ୍କ ବୋଧଗମ୍ୟତାକୁ ପ୍ରଶସ୍ତ କରିଥାଏ । (ଯେପରି ତୁମେ ଯାହା କହିଛ ଠିକ୍ ଅଛି, କିନ୍ତୁ ଶେଷ ସପ୍ତାହରେ ସ୍ଥାନୀୟ ପରିବେଶ ପ୍ରସଙ୍ଗରେ ଯାହା ଆମେ ଆଲୋଚନା କରୁଥିଲେ ଏହା କିପରି ସଂଯୋଗ କରାଯାଇ ପାରିବ...। )
- **କ୍ରମରେ ପଚାରିବା:** ପ୍ରଶ୍ନଗୁଡ଼ିକୁ କ୍ରମରେ ପଚାରିବା ଅର୍ଥ ଗୋଟିଏ କ୍ରମରେ ପ୍ରଶ୍ନଗୁଡ଼ିକୁ ପଚାରିବା ଯାହା ଚିନ୍ତନକୁ ସଂପ୍ରସାରିତ କରିପାରିବ । ପ୍ରଶ୍ନଗୁଡ଼ିକୁ ଶିକ୍ଷାର୍ଥୀମାନଙ୍କୁ ସାରାଂଶ ନିର୍ଣ୍ଣୟ କରିବା, ତୁଳନା କରିବା, ବୁଝାଇବା, ବିଶ୍ଳେଷଣ କରିବାରେ ଆଗେଇ ନେବା ଉଚିତ । ଏପରି ପ୍ରଶ୍ନ ପ୍ରସ୍ତୁତ କରନ୍ତୁ ଯାହା ଶିକ୍ଷାର୍ଥୀମାନଙ୍କୁ ବିସ୍ତାରିତ କରିପାରିବ । କିନ୍ତୁ ଏପରି ଆହ୍ୱାନ କରିବା ଉଚିତ୍ ନୁହେଁ ଯାହାଫଳରେ ସେମାନେ ପ୍ରଶ୍ନର ଅର୍ଥ ହରାଇ ବସିବେ । (ଯେପରି – ତୁମେ ତୁମର ପୂର୍ବ ସମସ୍ୟାକୁ କିପରି ଅତିକ୍ରମ କଲ। ଏହା ତୁମ ଭିତରେ କ'ଣ ପାର୍ଥକ୍ୟ ଆଣିଲା ? ତୁମେ ଏହା ପରେ କ'ଣ ସମାଧାନ କରିବାକୁ ଚିନ୍ତା କରୁଛ ?)
- **ଶୁଣିବା:** ଏହା ଆପଣଙ୍କୁ କେବଳ ଆଶା କରୁଥିବା ଉତ୍ତର ଶୁଣିବାକୁ ସକ୍ଷମ କରାଏ ନାହିଁ ବରଂ ଅସାଧାରଣ ବା ନୂତନ ଉତ୍ତର ଗୁଡ଼ିକ ପ୍ରତି ସଜାଗ ରହିବା ପାଇଁ ସାହାଯ୍ୟ କରେ ଯେଉଁଗୁଡ଼ିକୁ ଆପଣ ଆଶା କରି ନଥାନ୍ତି । ଏହା ମଧ୍ୟ ପ୍ରଦର୍ଶିତ କରିଥାଏ ଯେ ଆପଣ ଶିକ୍ଷାର୍ଥୀମାନଙ୍କ ଚିନ୍ତନକୁ ମୂଲ୍ୟ ପ୍ରଦାନ କରୁଛନ୍ତି ତେଣୁ ସେମାନେ ଅଧିକ ଭାବନା ଯୁକ୍ତ ଉତ୍ତର ଦେବାକୁ ଚେଷ୍ଟିତ । ଏହି ଉତ୍ତର ଗୁଡ଼ିକ ଭ୍ରମାତ୍ମକ ଧାରଣାଗୁଡ଼ିକୁ ସୂଚେଇ ଦେଇ ପାରିବ ଯାହାର ସଂଶୋଧନ ଆବଶ୍ୟକ ବା ସେମାନେ ଏକ ନୂଆ ପନ୍ଥା ଦେଖାଇପାରନ୍ତି ଯାହାକୁ ଆପଣ ବିଚାରକୁ ନେଇ ନାହାଁନ୍ତି । (ଯେପରି – ମୁଁ ଏ ବିଷୟରେ ଚିନ୍ତା କରିନଥିଲି । ତୁମେ ମୋତେ ଏହା ବିଷୟରେ ଅଧିକ କୁହ, କାହିଁକି ଏହା ଚିନ୍ତା କଲ)

ଜଣେ ଶିକ୍ଷକ ଭାବରେ, ଆପଣ ଅନୁପ୍ରେରିତ ଓ ଆହ୍ୱାନ ମୂଳକ ପ୍ରଶ୍ନପଚାରିବାକୁ ଚାହାଁନ୍ତି ଯଦି ଆପଣ ଆପଣଙ୍କ ଶିକ୍ଷାର୍ଥୀମାନଙ୍କଠାରୁ ଆଗ୍ରହପୂର୍ଣ୍ଣ ଓ ଆବିଷ୍କାରମୂଳକ ଉତ୍ତର ଆଶା କରୁଛନ୍ତି । ଆପଣଙ୍କୁ ସେମାନଙ୍କ ଚିନ୍ତନ ପାଇଁ ସମୟ ଦେବା ଆବଶ୍ୟକ ଓ ଆପଣ ଦେଖି ଆଶ୍ଚର୍ଯ୍ୟ ହେବେ ଯେ ଆପଣଙ୍କ ଶିକ୍ଷାର୍ଥୀମାନେ କେତେ ଅଧିକ ଜାଣିଛନ୍ତି ଓ ଆପଣ କିପରି ଅଧିକ ସେମାନଙ୍କ ଶିକ୍ଷଣରେ ସାହାଯ୍ୟ କରିପାରିବେ ।

ମନେରଖନ୍ତୁ, ଶିକ୍ଷକ ଯାହା ଜାଣିଛନ୍ତି ତାହା ଉପରେ ପ୍ରଶ୍ନ ପଚାରିବା ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଯାହା ଶିକ୍ଷାର୍ଥୀମାନେ ଜାଣିଛନ୍ତି ତାହା ଆଧାରରେ ପ୍ରଶ୍ନ କରିବା ଉଚିତ୍। ମନେରଖନ୍ତୁ ଆପଣ ନିଜ ପ୍ରଶ୍ନର ଉତ୍ତର ନିଜେ ଦେବା ଉଚିତ୍ ନୁହେଁ । ସର୍ବୋପରି ଶିକ୍ଷାର୍ଥୀମାନେ ଯଦି ଜାଣନ୍ତି, ଆପଣ ସେମାନଙ୍କୁ କେତେକ ସେକେଣ୍ଡର ନୀରବତାପରେ ଉତ୍ତର ଯୋଗାଇ ଦେବେ, ଯାହା ସେମାନଙ୍କ ପାଇଁ ଉତ୍ତର ଦେବାରେ ପ୍ରୋତ୍ସାହକ ହେବ ।

## Additional resources

- A selection of multilingual activities: http://mlenetwork.org/content/activities-early-gradesmother-tongue-l1-based-multilingual-education-programs
- The Rishi Valley rural education programme has published a number of different resources, some of which include pictures, poems in state and local languages: http://rishivalley.org/publications/list_of_titles.htm
- Some stories from Rishi Valley told in Hindi with downloadable written version and worksheets: http://rishivalley.org/rvite/Stories%20with%20Worksheets.htm
- Articles from Rishi Valley in Hindi and English about teaching Hindi to children: http://rishivalley.org/rvite/articles_teaching_hindi_children.htm

## References/bibliography

Barnes, D. (1992) From *Communication to Curriculum*, 2nd edn. Portsmouth, NH: Boynton/Cook-Heinemann.

Barnes, D. (2008) 'Exploratory talk for learning' in Mercer, N. and Hodgkinson, S. (eds) *Exploring Talk in School*. London: Sage Publications, pp.1–15.

Fisher, D., Frey, N. and Rothenberg, C. (2008) 'Procedures for classroom talk', Chapter 5 in *Content Area Conversations: How to Plan Discussion-Based Lessons for Diverse Language Learners*. Alexandria, VA: Association for Supervision and Curriculum Development. Available from: http://www.ascd.org/publications/books/108035/chapters/Procedures-for-Classroom-Talk.aspx(accessed 28 October 2014).

Genishi, C. (undated) 'Young children's oral language development' (online), Reading Rockets. Available from: http://www.readingrockets.org/article/383 (accessed 28 October 2014).

Hastings, S. (2003) 'Questioning', *TES Newspaper*, 4 July. Available from: http://www.tes.co.uk/article.aspx?storycode=381755 (accessed 22 September 2014).

Hattie, J. (2012) *Visible Learning for Teachers: Maximising the Impact on Learning*. Abingdon: Routledge.Higgins, S. (2001a) 'Developing thinking skills in the primary classroom' (online), paper presented at the Register of Primary Research Seminar Conference 'Raising

Achievement: Developing Thinking Skills', Education-Line, 27 October. Available from: http://www.leeds.ac.uk/educol/documents/140953.htm(accessed 28 October 2014).

Higgins, S. (2001b) *Thinking Through Primary Teaching*. Cambridge, UK: Chris Kington Publishing.

McCandlish S. (2012) 'Taking a "slice" of the oral language pie: an approach for developing oral language in schools' (online). Available from:http://www.decd.sa.gov.au/northernadelaide/files/links/Taking_a_slice_of_Oral_Lan.pdf (accessed 28October 2014).

Mercer, N. (1995) The *Guided Construction of Knowledge: Talk Amongst Teachers and Learners*. Clevedon: Multilingual Matters.

Neaum, S. (2012) *Language and Literacy for the Early Years*. London: Sage. Prince, A.W. (undated) 'Promoting oral language development in young children' (online), Super Duper Publications. Available from: http://www.superduperinc.com/handouts/pdf/120_oral_language_development.pdf (accessed 28 October 2014).

Roskos, K.A., Tabors, P.O. and, Lenhart, L. A. (2009) *Oral Language and Early Literacy in Preschool: Talking, Reading, and Writing,* 2nd edn. International Reading Association . Available from: http://www.reading.org/Libraries/books/bk693-1-Roskos.pdf (accessed 28 October 2014).

Vygotsky, L.S. (1962) *Thought and Language*. Cambridge, MA: MIT Press. For a brief summary of Vygotsky's ideas on thought and language and the differences between his and Piaget's ideas, see: http://www.simplypsychology.org/vygotsky.html (accessed 28 October 2014).

Wells, G. (1993) 'Reevaluating the IRF sequence', *Linguistics and Education*, no. 5, pp. 1–37.

## Acknowledgements

Except for third party materials and otherwise stated below, this content is made available under aCreative Commons Attribution-ShareAlike licence (http://creativecommons.org/licenses/by-sa/3.0/). The material acknowledged below is Proprietary and used under licence for this project, and not subject to the Creative Commons Licence. This means that this material may only be used unadapted within the TESSIndia project and not in any subsequent OER versions. This includes the use of the TESS-India, OU and UKAID logos.

Grateful acknowledgement is made to the following sources for permission to reproduce the material inthis unit:

Figure 1: left, 'My Village' and right, 'Agriculture', © local artists – unidentified.

Figure 2: NCERT, Rimjhim, Hindi, Class 1, Chapter 2: http://ncert.nic.in/NCERTS/textbook/textbook.htm?ahhn1=2-23.

Figure 3: Credit: Vidya Bhawan Education Resource Centre, Udaipur.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers andstudents across India who worked with The Open University in the productions.